ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୁ ପ୍ରସାଦ



@ ରାମକୃଷ୍ଣ



@ ଦୀପ୍ତିରାଣୀ



@ ଅନ୍ନଭି



@ ମୈତ୍ରେୟୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେକର୍ଡଠାରୁ ବହୁ ଗୁଣ ଅଧିକ କାଠ ଲୋଡିଂ

**ଯାଜପୁର,୩।୪(ହର୍ଷବର୍ଦ୍ଧନ ବେହେରା)**

## ଅଞ୍ଚଳବାସୀଙ୍କ ହସ୍ତକ୍ଷେପ ପରେ ଧରାପଡ଼ିଲା ୨ ଟ୍ରକ୍



ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଯାଜପୁରରୋଡ ଡିଭିଜନରେ କାଠଗଣ୍ଡି ପରିବହନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରେକର୍ଡଠାରୁ ବହୁ ଗୁଣ ଅଧିକ କାଠ ଲୋଡିଂ କରି ପରିବହନ ହେଉଥିବା ସନ୍ଦେହ କରି କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳବାସୀ ୨ କାଠ ବୋଝେଇ ଟ୍ରକକୁ ଅଟକ ରଖି ଆନନ୍ଦପୁର ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଫଳରେ ଯାଜପୁର ରୋଡ କାର୍ଯ୍ୟାଳୟକୁ ୩ ଦିନ ହେଲା କାଠ ବୋଝେଇ ଉକ୍ତ ଟ୍ରକ ଆସି ପାରିନାହିଁ। ସୂଚନା ଅନୁସାରେ, ଆନନ୍ଦପୁରର ବନ ବିଭାଗର ଡିଏଫ୍‌ଓ ଏବଂ ଏସିଏଫ୍ ବେଆଇନ ଭାବେ ଲୋଡିଂ ହୋଇଥିବା ୨ ଟ୍ରକକୁ ତାଙ୍କ ହେପାଜତକୁ ନେଇ ଶାଳପଡ଼ା ନିକଟ ବିଭାଗୀୟ ନର୍ସରୀ ପରିସରରେ ରଖିଛନ୍ତି। ପ୍ରଥମେ ଆଇନ ଅନୁସାରେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବା ପରେ କାଠ ଗଣ୍ଡିଗୁଡିକୁ ଗାଡିରେ ଲୋଡ କରିବା କଥା। ମାତ୍ର କାଠର ପରିମାଣ ମାପଚୁପରେ ଏପଟ ସେପଟ କରାଯାଇ ଯାଜପୁରରୋଡ ଡିଭିଜନର ସଂପୃକ୍ତ କର୍ମଚାରୀମାନେ ଅନିୟମିତତା କରିଥିବା ସୂଚନା ମିଳିଛି। ହେଲେ ଏଥିରେ ସମ୍ପୃକ୍ତ ଅଧିକାରୀ ନିଜକୁ ବଞ୍ଚାଇବାକୁ ଯାଇ ଚତୁରତାର ସହିତ ଛୁଟି ନେଇ ଘରକୁ ପଳାଇ ଯାଇଥିବା ଜଣାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ କିଛି କାଠକୁ ଡିପୋକୁ ଆଣି ବାକି ବେଆଇନ କାଠଗଣ୍ଡିକୁ ଅନ୍ୟତ୍ର ବିକ୍ରି କରି ମାଲାମାଲ ହେବାକୁ ଯୋଜନା ହେଉଥିବା ଚର୍ଚ୍ଚା ହେଉଛି। ଏହି ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ ଦୁଷ୍ମନ୍ତ କୁମାର ନାୟକ ଦାବି କରିଛନ୍ତି।

# ମହିଳାଙ୍କ ସୁନାଚେନ୍ ଲୁଟ

**ଧର୍ମଶାଳା,୩।୪(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥର କଣ୍ଟିଗଡ଼ିଆ ନିକଟରେ ବାଇକ୍‌ରେ ଯାଉଥିବା ସମୟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ହୋଇଛି। ବୈରୀ ଥାନା ଠେଙ୍ଗଡ଼ ଗ୍ରାମର ମନୋରଞ୍ଜନ ବେହେରା ବୁଧବାର ସନ୍ଧ୍ୟା ୫ଟାରେ ତାଙ୍କ ଭଉଣୀ ସୁଷମା ଦାସଙ୍କୁ ଏକ ବାଇକ୍‌ରେ ବସାଇ କଣ୍ଟିଗଡ଼ିଆ ଆଣୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ ଦୁର୍ବୃତ୍ତ ପିଛା କରି ଆସି ସୁଷମା ପିନ୍ଧିଥିବା ଦେଢ଼ଭରି ଓଜନର ସୁନା ଚେନ୍‌କୁ ଛିଡ଼ାଇନେଇ ଦ୍ରୁତଗତିରେ ଫେରାର୍ ହୋଇଯାଇଥିଲେ। ଏନେଇ ସୁଷମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୪୦/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ୨ ଦିବସରେ ମା’ ହିଙ୍ଗୁଳାଙ୍କ ସରସ୍ୱତୀ ବେଶ

**ରସୁଲପୁର,୩।୪(ରଞ୍ଜିତ ରାଉତ)**



ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଇଁଚପଡ଼ିଆରେ ଚାଲିଥିବା ମା’ ହିଙ୍ଗୁଳାଙ୍କ ଯଜ୍ଞ ଉତ୍ସବ ଶୁକ୍ରବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ଦିବସରେ ମା’ ହିଙ୍ଗୁଳା ଭକ୍ତଙ୍କୁ ସରସ୍ୱତୀ ବେଶରେ ଦର୍ଶନ ଦେଇଛନ୍ତି। ମା’ଙ୍କୁ ଏହି ବେଶରେ ଭୂଷିତ କରିବା ସକାଶେ ପ୍ରତ୍ୟୁଷରୁ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମା’ଙ୍କୁ ପ୍ରାତଃ ସ୍ନାନ କରାଯାଇ ମାଜଣା, ନୂତନ ବସ୍ତ୍ର ପରିଧାନ କରାଇ ବଡ଼ସିଂହାର ବେଶରେ ଭୂଷିତ କରାଯାଇଥିଲା। ଷୋଡ଼ଶ ଉପଚାର ପୂଜା, ସକାଳ ଧୂପ, ଭୋଗ ନୈବେଦ୍ୟ ଆଦି ଅର୍ପଣ କରାଯାଇ ଭକ୍ତଙ୍କ ଦର୍ଶନ ସକାଶେ ସାହାଣ ମେଲା ନୀତି ଲାଗୁ କରାଯାଇଥିଲା। ଭକ୍ତଙ୍କ ଗହଣରେ ସକାଳ ଆଳତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହ ମା’ହିଙ୍ଗୁଳାଙ୍କ ମହାସ୍ନାନ ପୂଜାବିଧି ସମ୍ପନ୍ନ କରାଯାଇ ସରସ୍ୱତୀ ବେଶରେ ଭୂଷିତ କରାଯାଇଥିଲା। ସରସ୍ୱତୀ ବେଶରେ ମା’ଙ୍କୁ ଦର୍ଶନକରି ଭକ୍ତଙ୍କ ମନରେ ସ୍ୱତପ୍ରବୃତ୍ତ ଭକ୍ତିଭାବ ଜାଗ୍ରତ ହୋଇଥିଲା।

ପରେ ଗୋ-ପୂଜା, ଯଜ୍ଞ ମଣ୍ଡପ ପୂଜା, କୁଣ୍ଡରେ ଅଗ୍ନିସଂଯୋଗ ପର୍ବ ଅନୁଷ୍ଠିତ ହୋଇଥିଲା। ମା’ଙ୍କ ବୀଜମନ୍ତ୍ର ଉଚ୍ଚାରଣ କରାଯାଇ ଯଜ୍ଞକୁଣ୍ଡରେ ୭୦୦ ଘୃତ ଆହୂତି ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ମା’ଙ୍କ ନିକଟରେ ନୀତିଭୋଗ ଲଗାଯାଇ ପହୁଡ଼ ପଡ଼ିଥିଲା।

ଅପରାହ୍ନ ୩ଟାରୁ ଭକ୍ତଙ୍କ ଦର୍ଶନ ସକାଶେ ମନ୍ଦିର ବେଢ଼ା ଉନ୍ମୁକ୍ତ କରାଯାଇଥିଲା। ମଧ୍ୟାହ୍ନ ଓ ରାତ୍ର ସମୟରେ ମା’ଙ୍କ ପୀଠରେ ଭକ୍ତଙ୍କ ସକାଶେ ପ୍ରସାଦସେବନର ବନ୍ଦୋବସ୍ତ କରାଯାଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସକାଶେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ଭକ୍ତଙ୍କ ସକାଶେ ଥଣ୍ଡା ପାନୀୟ ଜଳ, ସରବତ, ଦହିପଣାର ବନ୍ଦୋବସ୍ତ କରାଯାଇଛି। ମନୋରଞ୍ଜନ ପାଇଁ ଯାତ୍ରା ପରିବେଷଣ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ଯାତ୍ରା ପରିଚାଳନା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି।

# ଚିକିତ୍ସାରୁ ବଞ୍ଚିତ ନିରାଶ୍ରୟ ନବ

## ଅର୍ଥ ସାଜିଛି ବାଧକ

**ବ୍ୟାସନଗର,୩।୪ (ପବିତ୍ର ରଞ୍ଜନ ମହାନ୍ତି)**



ବ୍ୟାସନଗର ସହର ଚୁନାଭଟି ଟିଣ ହଟିଂ ଆଦିବାସୀ ବସ୍ତିରେ ଏକା ରହୁଥିବା ୩୬ ବର୍ଷୀୟ ନବ ସାମଡ଼ା ଚିକିତ୍ସାରୁ ବଞ୍ଚିତ ହୋଇ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ନବ ଜଣେ ଦିନ ମଜୁରିଆ। କିଛି ବର୍ଷ ହେବ ସହରରେ ବୁଲି ପ୍ଲାଷ୍ଟିକ, ଜରି, ପୁରୁଣା ବୋତଲ, ଲୁହା, ଟିଣ ଅଳିଆ ଗଦାରୁ ଗୋଟେଇ ଆଣି କବାଡ଼ିଆ ଦୋକାନରେ ବିକି ନିଜର ଗୁଜରାଣ ମେଣ୍ଟାଉଥିଲେ। ଯେବେ କିଛି ନ ମିଳେ ଭୋକ ଉପାସରେ ଶୋଇପଡ଼ନ୍ତି। କିଛିଦିନ ତଳେ ନବଙ୍କ ଗୋଡ଼ରେ ଏକ ଘା’ ହୋଇଥିଲା। ଅର୍ଥ ଅଭାବରୁ ସେ ଚିକିତ୍ସାରେ ଅବହେଳା କରିବାରୁ ଗୋଡ଼ଟି ଫୁଲିବାକୁ ଲାଗିଥିଲା। ଏବେ ଗୋଡ଼ ପାଚି ପୋକ ହେବାସହ ସେଥିରୁ ଦୁର୍ଗନ୍ଧ ବାହାରୁଛି। ସେଥିପାଇଁ ସାଇପଡ଼ିଶା ଘୃଣାରେ ତାଙ୍କ ପାଖ ମାଡୁନାହାନ୍ତି। ସେ ଯନ୍ତ୍ରଣାରେ ଛଟପଟ ହୋଇ ବହୁ କଷ୍ଟ ପାଉଛନ୍ତି। କୌଣସି କାମଧନ୍ଦା କରିବାକୁ ଯାଇ ନ ପାରିବାରୁ ଭୋକ ଉପାସରେ ପଡ଼ି ରହୁଛନ୍ତି। ଏହି ଅବସ୍ଥା ଦେଖି ବସ୍ତିର ୨ ଯୁବକ ଚନ୍ଦନ ସିଂ ଓ ବଣ୍ଟି ମୁଣ୍ଡିଆ ୟୁଥ୍ ମାସ କ୍ଲବର ସମ୍ପାଦକ ରାଜେଶ ରାଉତଙ୍କୁ ଜଣାଇଥିଲେ। ରାଜେଶ ଓ ତାଙ୍କ ସାଥି ପ୍ରକାଶ ଜେନା ଘଟଣାସ୍ଥଳରେ ପହଞ୍ଚି ନବଙ୍କଠାରୁ ସବୁ ଶୁଣିବା ପରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ଏହି ରୋଗ ବଢ଼ି ଯାଇଥିବାରୁ ଏଠାରେ ତାଙ୍କର ଚିକିତ୍ସା ସମ୍ଭବ ନୁହେଁ ବୋଲି ଡାକ୍ତର କହିଥିଲେ। ଏଥିସହିତ ସେମାନେ ତୁରନ୍ତ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇ ସେଠାରେ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଯଦି ବିଳମ୍ବ ହେବ ତେବେ ତାଙ୍କ ଗୋଡ କାଟିବାକୁ ପଡ଼ିବ ବୋଲି ଡାକ୍ତର ସତର୍କ କରାଇଥିଲେ। ହେଲେ କଟକ ଯାଇ ଚିକିତ୍ସିତ ହେବାକୁ ନବଙ୍କ ପାଖରେ ଅର୍ଥର ଅଭାବ ରହିଛି। ତେଣୁ ତାଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବାକୁ କ୍ଲବ୍ ସମ୍ପାଦକ ରାଜେଶ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ନଦୀରେ ଗାଧୋଇବାବେଳେ ବୁଡ଼ିଗଲେ ଯୁବକ

**ଧର୍ମଶାଳା,୩।୪(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ନିକଟ କେଲୁଅ ନଦୀରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଗାଧୋଇବାବେଳେ ବୁଡ଼ିଯାଇ ଜଣେ ଯୁବକଙ୍କୁ ମୃତ୍ୟୁ ହୋଇଛି। ମୃତକ ହେଲେ କୁଆଖିଆ ଥାନା ଢ଼ିହକୁରାଂଶ ଗ୍ରାମର ଆବୁ ତାଲିବ ଖାନଙ୍କ ପୁଅ ଆସିଫ ଖାନ୍(୨୦)। ସୂଚନା ମୁତାବକ, ଧର୍ମଶାଳା ବ୍ଲକ ନେଉଳପୁର ଅଞ୍ଚଳର ଏକ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ୩ ଯୁବକ ଗରମ ଯୋଗୁ କେଲୁଅ ନଦୀ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ୩ଜଣ ସାଙ୍ଗ ହୋଇ ଗାଧୋଇବା ସମୟରେ ହଠାତ ଜଣେ ନଦୀରେ ବୁଡ଼ି ଯାଇଥିଲେ। ଅନ୍ୟ ୨ ସାଙ୍ଗ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ନଂ.୧୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# କମ୍ୟୁନିଟି ଗୃହର ଶିଳାନ୍ୟାସ

**କାଏମା,୩।୪(ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ମୁସଲମାନ ସାହିରେ ଏକ କମ୍ୟୁନିଟି ଗୃହର ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ଯୁବସଂଗଠକ ରାଜେଶ ପାଳ ଓ ଅଭିଷେକ ରାଉତ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଚୋରମୁହାଁ ମୁସଲମାନ ସାହିର ଇଦ୍‌ଗାହ ପଡ଼ିଆ ନିକଟରେ ହେବାକୁଥିବା ଏହି ଗୃହରେ ସ୍ଥାନୀୟ ଲୋକେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିବାହ ଭୋଜି କରିପାରିବେ। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରଚେଷ୍ଟା ଫଳରେ ଏହା ସମ୍ଭବ ହୋଇଥିବାରୁ ସାହିର ବାସିନ୍ଦାମାନେ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗୌତମ ସାହୁ, ନିର୍ମଳ, ପ୍ରଧାନ, ମୁନା ଖାଁ, ମଦନ ନାୟକ, ଗୀତାଞ୍ଜଳି ପ୍ରଧାନ, ଅନୁପ ସାମଲ, ଅଶୋକ ସାହୁ, ଅର୍ଜୁନ ରାଉତ, ପରମେଶ୍ୱର ପଣ୍ଡା, ନାରାୟଣ ମଲିକ, ଦେବେନ୍ଦ୍ର ସାମଲ, ସେକ୍ ସାହିଲ, ସେକ ଯାକୁବ, ସୂର୍ଯ୍ୟକାନ୍ତ ରାଉତ, ଚିନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ସେକ ସନାଉଲ୍ଲା, ସେକ୍ ଅଲିମୁଦ୍ଦିନ, ସେକ୍ ଆସିଫ ଅଲ୍ଲି, ସେକ ମନିରୁଦ୍ଦିନ ଓ ସେକ ରାଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ କର୍ମୀ



**ବଡ଼ଚଣା,୩।୪(ଦିଲୀପ କୁମାର ମହାନ୍ତି)**

ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ବିକଶିତ ବଡ଼ଚଣା କାର୍ଯ୍ୟଧାରାକୁ ଆଗେଇ ନେବା ଲକ୍ଷ୍ୟରେ ଅନେକ ଲୋକ ନିଜ ଦଳ ଛାଡ଼ି ଭାଜପାରେ ସାମିଲ ହେଉଛନ୍ତି। ଏହିକ୍ରମରେ ଶୁକ୍ରବାର ଚଣ୍ଡିଖୋଲସ୍ଥିତ ପାର୍ଟି କାର୍ଯ୍ୟାଳୟଠାରେ ବଡ଼ଚଣା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଭାଗ୍ୟଧର ମଲିକ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଛତିଆ ପଞ୍ଚାୟତ ବିଜେଡି ସଭାପତି ତୁଷାର ରଞ୍ଜନ ପଣ୍ଡା, ୱାର୍ଡ ସଭ୍ୟା ସସ୍ମିତା ସାମନ୍ତରାୟ ଓ ଦୀପକ ସାହୁଙ୍କ ସହ ୨୦୦ରୁ ବିଜେଡି କାର୍ଯ୍ୟକର୍ତ୍ତା ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଚମ୍ପାପୁର ପଞ୍ଚାୟତରୁ ୫୦ରୁ ଊର୍ଦ୍ଧ୍ୱ ଛାମୁଆ ବିଜେଡି, କଂଗ୍ରେସ ନେତୃତ୍ୱ ଦଳ ଛାଡି ଭାଜପାରେ ମିଶିଛନ୍ତି। ବିଧାୟକ ନାୟକ ଉପସ୍ଥିତ ରହି ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଛତିଆ ମଣ୍ଡଳ ସଭାପତି ବିଶ୍ୱଜିତ ସାମଲଙ୍କ ସଭାପତିତ୍ୱ ଓ ଜିଲା ଉପସଭାପତି ପ୍ରମୋଦ ଜେନାଙ୍କ ସଞ୍ଚାଳନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭାଜପା ଜିଲା ସମ୍ପାଦକ ବିକାଶ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ବ୍ଲକ ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ରାଉତ, ଚମ୍ପାପୁର ସରପଞ୍ଚ ସୁଲୋଚନା ପ୍ରଧାନ, ସମିତିସଭ୍ୟ ସତ୍ୟବ୍ରତ ବିଶ୍ୱାଳ, ପଞ୍ଚାୟତ ପ୍ରମୁଖ ରଞ୍ଜନ ସାହୁ ଓ କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ।

# ପୂର୍ବ ଶତ୍ରୁତାରୁ ନାବାଳକଙ୍କୁ ହତ୍ୟା ଅଭିଯୋଗ

**କଳିଙ୍ଗନଗର,୩।୪(ଶୁଭାଶିଷ ରାଉତ):** ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ବାରାଖାଇ ଗ୍ରାମରେ ପୂର୍ବ ଶତ୍ରୁତାରୁ ଜଣେ ନାବାଳକଙ୍କୁ ଶୁକ୍ରବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ଚଗୁଲୁ ଓରଫ୍ ସୁଶାନ୍ତ ମଲିକଙ୍କ ପୁଅ ଶୁଭମ୍(୧୩)। ସେ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ବଡ଼ପୁଅ ଶୁଭେନ୍ଦୁଙ୍କୁ ଘରେ ଛାଡ଼ି ବାପାମା’ ସାନପୁଅଙ୍କୁ ନେଇ ମଧ୍ୟାହ୍ନରେ ଦାନଗଦି ମେଡିକାଲକୁ ଡାକ୍ତର ଦେଖାଇବାକୁ ଯାଇଥିଲେ। ମେଡିକାଲରୁ ଫେରିବାବେଳକୁ ବଡ଼ପୁଅଙ୍କ ମୃତଦେହ ଘରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଡ଼ୋଶୀ ଅଭିମନ୍ୟୁ ପେରେଇ ଓ ତାଙ୍କର କେତେଜଣ ସହଯୋଗୀ ମିଶି ପୁଅଙ୍କୁ ହତ୍ୟା କରିଥିବା ସୁଶାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଅଭିଯୁକ୍ତ ବାରମ୍ବାର ନାନା ଧମକ ଦେଇ ଆସୁଥିଲେ। ଏବେ ପୁଅକୁ ଜୀବନରୁ ମାରିଦେଇ ଘରେ ଟାଙ୍ଗିଦେଲେ ବୋଲି କହିଛନ୍ତି ଶୁଭମଙ୍କ ମା’। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ ଜାରିରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ଏନେଇ ଥାନାରେ ନଂ.୯୦/୨୬ରେ ଏକ ମାମଲା ରୁଜୁ ହୋଇଛି।

15001/4/2627



**ଅମର ଶହୀଦ ରଘୁ - ଦିବାକରଙ୍କ**
**ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**

୪ ଅପ୍ରେଲ, ୨୦୨୬

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ୍ ନମ୍ବର – ୩ ସ୍ଥିତ
ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଭୁ ପ୍ରସାଦ


@ ରାମକୃଷ୍ଣ


@ ଦୀପ୍ତିରାଣୀ


@ ଅନନ୍ତଭି


@ ମୈତ୍ରେୟୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘୩୧ ବର୍ଷରେ ଯାହା ହୋଇ ନ ଥିଲା ଏବେ ହେଉଛି’

**ଜଗତ୍‌ସିଂହପୁର, ୩।୪ (ପ୍ରମୋଦ କୁମାର ନାୟକ)**

୧୯୯୩ ଏପ୍ରିଲ ୩ ତାରିଖରେ ଜଗତ୍‌ସିଂହପୁର ଜିଲା ପ୍ରତିଷ୍ଠା ହୋଇଥିଲା। ସେବେଠାରୁ ୨୦୨୪ ପର୍ଯ୍ୟନ୍ତ ଅର୍ଥାତ୍ ଦୀର୍ଘ ୩୧ ବର୍ଷ କାଳ ଜିଲାର ବିକାଶ ହୋଇଛି କି ନାହିଁ ତାହା ଲୋକେ ମନେପକାନ୍ତୁ। ଏଥିସହ ଓଡ଼ିଶାରେ ଭାଜପା ସରକାର ଆସିଲା ପରେ ଅର୍ଥାତ୍ ୩୧ ବର୍ଷ ପରେ କ'ଣ ପରିବର୍ତ୍ତନ ହୋଇଛି ତାହା ମଧ୍ୟ ଅନୁଭବ କରନ୍ତୁ। ବିଦ୍ୟାଳୟ ଶିକ୍ଷାଠାରୁ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଜିଲାକୁ ନୂଆ ସୁଯୋଗ ଆସିଛି। ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ହେବାକୁ ଯାଉଛି। ଜିଲାରେ ଉଚ୍ଚଶିକ୍ଷା ପାଇଁ ଜଗତ୍‌ସିଂହପୁରରେ ଏକ ବିଶ୍ୱବିଦ୍ୟାଳୟ, ଡାକ୍ତରୀ ଶିକ୍ଷା ପାଇଁ ମେଡିକାଲ କଲେଜ ଓ ବୈଷୟିକ ଶିକ୍ଷା ପାଇଁ ପାରାଦୀପରେ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବ। ଆଗକୁ ମଧ୍ୟ ଜିଲାରେ ଏକ ନର୍ସିଂ କଲେଜ ହେବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଶୁକ୍ରବାର ଜିଲା ମହୋତ୍ସବ କଲ୍ଲୋଳର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ


ଅତିଥିମାନେ ଆଦିପତ୍ର ଉନ୍ମୋଚନ କରୁଛନ୍ତି।

### ଜିଲା ପ୍ରତିଷ୍ଠା ଦିବସ ତଥା ଜିଲା ମହୋତ୍ସବ କଲ୍ଲୋଳର ତୃତୀୟ ସନ୍ଧ୍ୟା

ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା କହିଛନ୍ତି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ତ୍ରୀ ସମ୍ପଦ କହିଥିଲେ, ଏବେ ୫୫ ନଂ.ଜାତୀୟ ରାଜପଥ କାମ ଚାଲିଛି। କଟକ-ପାରାଦୀପ ରାସ୍ତାର ଉନ୍ନତୀକରଣ ପାଇଁ ଡିପିଆର୍ କାମ ଚାଲିଛି। ରେଳ ଭିତ୍ତିଭୂମିର ବିକାଶ କରାଯାଉଛି। ପାରାଦୀପରେ ଏୟାରପୋର୍ଟ ହେବାକୁ ଯାଉଛି। ତିର୍ତ୍ତୋଲସ୍ଥିତ ଶାରଳା ସୂତାକଳ ୧୯୯୯ ମହାବାତ୍ୟାରେ କ୍ଷତିଗ୍ରସ୍ତ ହେଲା ପରେ ବନ୍ଦ ହୋଇଯାଇଥିଲା। ଏବେ ଏହାର ପୁନରୁଦ୍ଧାର ହେବାକୁ ଯାଉଛି। ଏସବୁ କାର୍ଯ୍ୟ ଆରମ୍ଭ ଓ ଶେଷ ହେଲା ପରେ ଜିଲାର ରୂପରେଖ ବଦଳିଯିବ। ବିଜେଡି ସରକାର ୨୪ ବର୍ଷ ଶାସନରେ ରହି ଜିଲା ବିକାଶକୁ ଗୌଣ କରିଦେଇଥିଲା। ଭାଜପା ଶାସନକୁ ଆସିବା ପରେ ଏତେସବୁ କରିବାକୁ ନିଷ୍ପତ୍ତି ନେଇଛି। ମା' ଶାରଳାଙ୍କ ଆଶୀର୍ବାଦରୁ ମୁଖ୍ୟ ସିଦ୍ଧେଶ୍ୱର ପରିଡ଼ା ମହାଜ୍ଞାନୀ ଆଦିକବି ସାରଳା ଦାସ ଭାବରେ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ଜଗତ୍‌ସିଂହପୁର ମାଟିର ପୁଅ ବିସର ମହାନ୍ତି ପ୍ରଭୁ ଜଗନ୍ନାଥଙ୍କ ବ୍ରହ୍ମଙ୍କୁ କଳା ପାହାଡ଼ କବଳରୁ ଲୁଚାଇବାରେ ସଫଳ ହୋଇଥିଲେ। ନୌବାଣିଜ୍ୟ ପରମ୍ପରା ଦେଖିଲେ ଜଣାଯାଏ ଚେଲିତୋଳ ଓ ଅଳକା ନଦୀର ଇତିହାସ ରହିଛି, ଯାହାକୁ ଦେଖି ପାରାଦୀପ ବନ୍ଦର ପ୍ରତିଷ୍ଠା ସମ୍ଭବ ହୋଇଛି। ଏହି ବନ୍ଦର ଆଜି କାର୍ଗୋ ହାଣ୍ଡଲିଂ କ୍ଷେତ୍ରରେ ଦେଶରେ ୧ ନମ୍ବର ହୋଇପାରିଛି। ଆଗାମୀ ଦିନରେ ଏଥିରେ ଅଧିକ ନିଯୁକ୍ତି ଓ ସୁଯୋଗ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଧ୍ୟାନ ଦେଉଛନ୍ତି। ଏସବୁ ସତ୍ତ୍ୱେ ଯୁବପିଢ଼ି ଆଗକୁ ନ ଆସିଲେ କିଛି ଲାଭ ନାହିଁ। ଆମ ଅତୀତକୁ ମନେପକାଇ ଯୁବପିଢ଼ିଙ୍କୁ ଜାତୀୟତା ଭାବରେ ଉଦ୍‌ବୁଦ୍ଧ କରାଇ ପ୍ରଗତି ଆଡ଼କୁ ଆକର୍ଷିତ କରାଯାଇପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହେବ ବୋଲି ମନ୍ତ୍ରୀ ସମ୍ପଦ କହିଥିଲେ। ମୁଖ୍ୟ ବକ୍ତାଭାବେ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ଭାଜପା ସରକାର ଅମଳରେ ଜିଲାର ବିକାଶଧାରା ଉପରମୁହାଁ ହୋଇଥିବା କେତେକ ବିକାଶମୂଳକ ପଦକ୍ଷେପର ଅବତାରଣା କରି ସୂଚାଇଥିଲେ। ସେ କହିଥିଲେ, କେବଳ ଇତିହାସ ପଢ଼ିଲେ ହେବନାହିଁ, ଇତିହାସ ସୃଷ୍ଟି କରିବାକୁ ପଡ଼ିବ। ସ୍ୱର୍ଗତ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ଜିଦ୍ ଯୋଗୁ ଜଗତ୍‌ସିଂହପୁର ଏକ ଜିଲାର ମାନ୍ୟତା ପାଇଥିଲା ବୋଲି ଦାସ କହିଥିଲେ। ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଙ୍କିତ ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ଓ ଆଦିପତ୍ରର ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଦିପତ୍ର ଉନ୍ମୋଚନ ହୋଇଥିଲା।

## ପୋଲିସକୁ ଆକ୍ରମଣ କରି ଅଭିଯୁକ୍ତଙ୍କୁ ଛଡ଼ାଇନେବା ଭିଡିଓ ଭାଇରାଲ

**ପାରାଦୀପ, ୩।୪ (ଶରତ ରାଉତ)**

ପାରାଦୀପ ଆଦର୍ଶଥାନା ଅଞ୍ଚଳର ଏକ ବସ୍ତିରେଗତ ୧ ତାରିଖ ରାତିରେ ଅଭାବନୀୟ ଘଟଣା ଘଟିଥିଲା। ୨ ଜଣ ସାଦା ପୋଷାକଧାରୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିଲେ। ଏହି ସମୟରେ ଉକ୍ତ ବସ୍ତିର ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ୨ ପୋଲିସ କର୍ମଚାରୀଙ୍କୁ ମାଡ଼ମାରି ଅଭିଯୁକ୍ତଙ୍କୁ ଛଡାଇ ନେଇଥିବା ଶୁକ୍ରବାର ଜଣାପଡ଼ିଛି। ଏ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏସମ୍ପର୍କରେ ଥାନାଧିକାରୀ କାବୁଲି ବାରିକଙ୍କୁ ପଚାରିଲେ କୁହନ୍ତି, ଦୁଇଦିନ ତଳେ ଏହି ଘଟଣା ଘଟିଥିଲା। ପୋଲିସ ତା'ଉପରେ ତଦନ୍ତ କରୁଛି। ଏହାପରେ ମାମଲା ରୁଜୁ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଭାଗବତ ପଲାଇଙ୍କ ଶ୍ରଦ୍ଧାଞ୍ଜଳି ସଭା

**କେନ୍ଦ୍ରାପଡା, ୩।୪ (ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳର ବିଶିଷ୍ଟ ସାମାଜିକକର୍ମୀ ତଥା ତରଡ଼ିପାଳ ଯାଦବ ସମିତି ସଭାପତି ଭାଗବତ ପଲାଇଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଳି ସଭା ତରଡ଼ିପାଳଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ୧୫ ନଂ ଜୋନ ଜିଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରନ ବାରିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ ରବିରଞ୍ଜନ ଶର୍ମା, ଅଶୋକ ଦାସ, କାର୍ତ୍ତିକ ଚନ୍ଦ୍ର ରାଉତ, ନାରାୟଣ ବିଶ୍ୱାଳ, କେନ୍ଦ୍ରାପଡ଼ା ଯାଦବ ମହାସଂଘ ସଭାପତି ପ୍ରଭାକର ପଲାଇ, ରାଜ୍ୟ ଉପସଭାପତି ମନୋଜ କୁମାର ପରିଡା, କେନ୍ଦ୍ରାପଡ଼ା ଯାଦବ ମହାସଂଘ ଉପସଭାପତି ଶ୍ରୀନିବାସ ପ୍ରଧାନ,ଇଂ ପଞ୍ଚାନନ ଦାସ, ରବୀନ୍ଦ୍ର ପରିଡା, ନବକୃଷ୍ଣ ଦାସ, ଚିନ୍ମୟ ଦାସ, ଗୟାଧର ଦାସ, ବରି ଯାଦବ ସଂଘ ସଭାପତି ଅଶୋକ ଦାସ, ପ୍ରଭାତ ଦାସ ପ୍ରମୁଖ ଯାଦବ ସଂଘର କାର୍ଯ୍ୟକର୍ତ୍ତା ଭାଗବତ ପଲାଇଙ୍କ ସ୍ମୃତି ଚାରଣ କରିଥିଲେ । ତରଡ଼ିପାଳ ଯାଦବ ସଂଘ ସହ ସମ୍ପାଦକ ବିଜୟ ଦାସ ଏବଂ ତାଙ୍କ ପୁତ୍ରମାନେ ସହଯୋଗ କରିଥିଲେ।

## ‘କୈବର୍ତ୍ତ ସମାଜର ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ଗଠନ ଅସମ୍ଭବ’

**ତିର୍ତ୍ତୋଲ, ୩।୪ (ଗୌରାଙ୍ଗ ଚରଣ ସାଇଁ)**

କୈବର୍ତ୍ତ ଜାତି ଭାରି ସାହସୀ, ସମୁଦ୍ର ଓ ନଦୀର ବୁକୁ ଚିରି ସେମାନେ ନୌଚାଳନାରେ ବେଶ୍ ସିଦ୍ଧ ହସ୍ତ। ଏହି ସମାଜର ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ଗଠନ ଅସମ୍ଭବ। ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଜାବୁଡି ଧରି ଲୋକକଳାକୁ ବଞ୍ଚାଇ ରଖିଥିବା କୈବର୍ତ୍ତ ସମାଜ ଓଡ଼ିଆ ଅସ୍ମିତାର ଏକ ଅନନ୍ୟ ପ୍ରତିଛବି ବୋଲି ଝଙ୍କଡ ବାସିନୀ ମା'ଶାରଳାଙ୍କ ପୀଠରେ ଅନୁଷ୍ଠିତ ଚୈତ୍ରପର୍ବରେ ଯୋଗଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା ପ୍ରକାଶ କରିଛନ୍ତି। ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘ ଜଗତ୍‌ସିଂହପୁର ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଜିଲାର ୧୬ ମଣ୍ଡଳରୁ ପ୍ରାୟ ୨୫ ଘୋଡ଼ାନାଚ ଦଳ ଏହି ମେଳଣରେ ଯୋଗ ଦେଇଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ, ମା' ବାସେଳୀଙ୍କୁ ଶାରଳାଙ୍କ ପୀଠରେ ମାର୍ଜନା ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ମଣ୍ଡଳର ସଭାପତି ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଚୈତ୍ର ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମବେତ ଘୋଡ଼ାମାନେ ମନ୍ଦିର ପରିକ୍ରମା କରିବା ସହ ଘୋଡ଼ା ନାଚରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ କୈବର୍ତ୍ତ ସମାଜ ପକ୍ଷରୁ ସେମାନଙ୍କ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୂର୍ବତନ ସଭାପତି କୈଳାଶ ଚନ୍ଦ୍ର ବେହେରା, ସଙ୍ଗଠନ ସମ୍ପାଦକ ଅମର କୁମାର ଦାସ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘ କାର୍ଯ୍ୟକାରୀ ସଭାପତି ମନୋଜ ବେହେରା, ଉପସଭାପତି ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇ କୈବର୍ତ୍ତ ସମାଜର ଉନ୍ନତିନିମନ୍ତେ ସମସ୍ତେ ସଙ୍ଗଠିତ ହୋଇ ରହିବାକୁ ଆହ୍ୱାନ ଦେଇଥିଲେ।



ଚୈତ୍ର ମହୋତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

## ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଭୁଲ୍ ଇଞ୍ଜେକ୍‌ସନ ଦେବା ଘଟଣାକୁ ନେଇ ବିବାଦ

**ପାରାଦୀପ,୩।୪(ଶରତ ରାଉତ)**

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବାଲିଡିଆ ଗ୍ରାମରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଶୁକ୍ରବାର ଭୁଲ୍ ଇଞ୍ଜେକ୍‌ସନ ଦେବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏ ନେଇ ସମ୍ପୃକ୍ତ ଛାତ୍ରଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଇଞ୍ଜେକ୍‌ସନ ଦେଇଥିବା ଏଏନ୍‌ଏମ୍ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ଛାତ୍ରଙ୍କ ବାପାଙ୍କ ନାମରେ ଅଭିଯୋଗ କରିଛନ୍ତି। ତାଙ୍କୁ ମାଡ଼ ମରାଯାଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ସନ୍ଧ୍ୟାରେ ଦୁଇ ପକ୍ଷରୁ କେତେଜଣ ଲୋକ ସମାଧାନ ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଏସମ୍ପର୍କରେ ଥାନାଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ପଚାରିବାରେ ସେ ଛୁଟିରେ ଥିବା କହିଛନ୍ତି। ଛାତ୍ରଙ୍କ ବାପା ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଏଥିସହ ପୁଅକୁ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି।

15001/4/2627



**ଅମର ଶହୀଦ ରଘୁ - ଦିବାକରଙ୍କ**
**ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**
**୪ ଅପ୍ରେଲ, ୨୦୨୬**

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ୍ ନମ୍ବର – ୩ ସ୍ଥିତ
ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା  ସାଧାରଣ ସଭା  ଜୟଦେବ ଭବନ

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ**
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
**ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ**
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
**ଶ୍ରୀଯୁକ୍ତ ନାରାୟଣ ମହାପାତ୍ର**
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
**ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ**, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004

## ବରିଷ୍ଠ ସାମାଜିକ କର୍ମୀଙ୍କ ପରଲୋକ

**କୁଜଙ୍ଗ/ରାହାମା, ୩।୪ (ମନୋଜ ପ୍ରଧାନ/ ଶ୍ରୀକାନ୍ତ ଦାସ)**

କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ଅନ୍ତର୍ଗତ ବାଲିପରି ଗ୍ରାମର ସାମାଜିକ କର୍ମୀ ତଥା ମୁରବି କସ୍ତୁରୀ ଦାସ (୮୯)ଙ୍କ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ କସ୍ତୁରୀଙ୍କ ଶେଷକୃତ୍ୟ ସମ୍ପନ ହୋଇଛି। ବଡ଼ପୁଅ ବିଭୁ ରଞ୍ଜନ ମୁଖାଗ୍ନି ଦେଇଥିବାବେଳେ ଅନ୍ୟ ଦୁଇ ପୁଅ ମନୋରଞ୍ଜନ, ରଶ୍ମିରଞ୍ଜନ,ପରିବାର ବର୍ଗ, ସମ୍ପର୍କୀୟ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତ୍‌ସିଂହପୁର ଜିଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ଶ୍ରୀକାନ୍ତ ଦାସ, ପ୍ରଭାତ ମହାପାତ୍ର, ମାନସ ମଲ୍ଲ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।


କସ୍ତୁରୀ ଦାସ

## କାର୍ଯ୍ୟରେ ଆସୁନି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ




### ନାଉଗାଁ ବ୍ଲକ

**ନାଉଗାଁ,୩।୪ (ସୁଧା ବେହୁରା)**

ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସରରୁ ମାତ୍ର ୫୦ ମିଟର ଦୂରରେ ରହିଛି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ। ତତ୍କାଳୀନ ଜଗତ୍‌ସିଂହପୁର ଏମ୍‌ପି ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡା ଓ ବିଧାୟକ ବିଷ୍ଣୁ ଦାସଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏହି ମଣ୍ଡପ ନିର୍ମାଣ କରାଯାଇଥିଲା। ୨୦୧୦ ଅକ୍ଟୋବର ୧ରେ ତତ୍କାଳୀନ ବିଧାୟକ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସରକାରୀ ମଣ୍ଡପ ନିର୍ମାଣ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ବ୍ଲକର ଯେ କୌଣସି ସରକାରୀ ସାମାଜିକ କାର୍ଯ୍ୟକ୍ରମ ଏହି ମଣ୍ଡପରେ କରାଯିବ। ସ୍ଥାନୀୟ ଜନସାଧାରଣ ଅଳ୍ପ ଖର୍ଚ୍ଚରେ ଏହି ମଣ୍ଡପକୁ ବିଭିନ୍ନ ମାଙ୍ଗଳିକ ଓ ଅନ୍ୟାନ୍ୟ ଉତ୍ସବରେ ଲଗାଇ ପାରିବେ। କିନ୍ତୁ ମଣ୍ଡପଟି ନିର୍ମାଣ ହେବାର କିଛିଦିନ ବ୍ୟବହାର ପରେ ତାହା ସେମିତି ପଡିରହିଛି। ମଣ୍ଡପ ମଧ୍ୟକୁ ଯିବା ପାଇଁ ରାସ୍ତା ନ ଥିବା ବେଳେ ଚତୁଃପାର୍ଶ୍ୱରେ ଅନାବନା ଗଛଲତା ମାଡି ରହିଛି। ଦୀର୍ଘଦିନ ହେବ ଉକ୍ତ ମଣ୍ଡପଟି ବ୍ୟବହାର ନ ହେବାରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ମଣ୍ଡପ ଛାତରୁ ପ୍ଲାଷ୍ଟର ଖସୁଥିବା ବେଳେ ଝରକା କବାଟ ସବୁ କଳଙ୍କି ଲାଗିଯାଇଛି। ଗତ ବର୍ଷ ଏହି ମଣ୍ଡପ ମରାମତି ପାଇଁ ବ୍ଲକ ପ୍ରଶାସନ ତରଫରୁ ୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ଏହାସତ୍ତ୍ୱେ ମଣ୍ଡପ ବ୍ୟବହାର କରା ନ ଯାଇ ପଡ଼ି ରହିଛି। ଅନେକ ଅବ୍ୟବସ୍ଥା ମଧ୍ୟରେ ମଣ୍ଡପଟି ରହିଥିବାବେଳେ ସ୍ଥାନୀୟ ଜନସାଧାରଣ ଅଧିକ ଖର୍ଚ୍ଚାନ୍ତ ହୋଇ ବାହାରେ ଥିବା ବ୍ୟକ୍ତିଗତ ମଣ୍ଡପକୁ ଭଡାରେ ନେଉଛନ୍ତି। ଉକ୍ତ ମଣ୍ଡପକୁ ଯଦି କାର୍ଯ୍ୟକ୍ଷମ କରାଯାଆନ୍ତା ତେବେ ସ୍ଥାନୀୟ ଜନସାଧାରଣ ଉପକୃତ ହେବା ସହ କିଛି ଅର୍ଥ ମଧ୍ୟ ହୋଇପାରନ୍ତା ବୋଲି ବୁଦ୍ଧିଜୀବମାନେ ମତବ୍ୟକ୍ତ କରିଛନ୍ତି। ଏବିଷୟରେ ବିଡିଓ ନିରଞ୍ଜନ ପରିଡାଙ୍କୁ ପଚାରିବାରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ କଥା ହେବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି।

# ୪ ଲକ୍ଷର ବାଣ ଜବତ, ୫ ଗିରଫ





ଗିରଫ ଅଭିଯୁକ୍ତ, ଜବତ ବାଣ।

## ନୟାଗଡ଼ରେ ଚଢ଼ାଉ

ନୟାଗଡ଼, ୩।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡା ଗାଁରେ ବାଣ ବିସ୍ଫୋରଣରେ ୬ ଗୁରୁତର ପରେ ପୋଲିସ ଚଢ଼ାଉକୁ ଜୋରଦାର କରିଛି। ଇଟାମାଟି ଓ ନୟାଗଡ଼ ସଦର ଥାନା ପୋଲିସ ଇଟାମାଟି ତନ୍ତିସାହି ଓ ପଲ୍ଲୀଶାସନରେ ଚଢ଼ାଉ କରି ୪ ଲକ୍ଷ ଟଙ୍କାର ବାଣ ଜବତ କରିଛି। ସେହିପରି ୫ ଜଣଙ୍କୁ ଗିରଫ କରିଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ ନୟାଗଡ଼ ସଦର ଥାନାରେ ଶୁକ୍ରବର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁସାରେ ଇଟାମାଟି ଥାନା ପୋଲିସ ତନ୍ତିସାହିରେ ଚଢାଉ କରି ନୀଳମାଧବ ସେନାପତି, ରାମଚନ୍ଦ୍ର ସାହୁ, ପ୍ରକାଶ ସାହୁ ଓ କୁମାର ବାଇଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୧.୫ ଲକ୍ଷ ଟଙ୍କାର ବାଣ ଜବତ ହୋଇଛି ।

ସେହିପରି ସଦର ଥାନା ପୋଲିସ ପଲ୍ଲୀଶାସନରେ ଚଢାଉ କରି ଲଡୁକିଶୋର ଭଟ୍ଟ ବ୍ରହ୍ମାଙ୍କୁ ଗିରଫ କରିଛି। ତାଙ୍କଠାରୁ ଅଢେଇ ଲକ୍ଷ ଟଙ୍କାର ବାଣ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନଙ୍କ ନାଁରେ ପୂର୍ବରୁ ମଧ ବେଆଇନ ବାଣ ତିଆରି କରୁଥିବା ନେଇ ମାମଲା ରହିଛି। ଅପରପକ୍ଷେ ବାଣ ତିଆରି ଲାଇସେନ୍ସ ଜିଲାରେ କେହି ପାଇନାହାନ୍ତି ବୋଲି ଅତିରିକ୍ତ ଏସ୍‌ପି ସ୍ପଷ୍ଟ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ସଦର ଥାନା ଆଇଆଇସି ପ୍ରିୟତମା ପ୍ରଧାନ ଓ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ ଉପସ୍ଥିତ ଥିଲେ।

# ଚିତ୍ରକୂଟ ପର୍ବତରେ ପ୍ରଭୁ ଶ୍ରୀରାମଙ୍କ ବିଶ୍ରାମ

## ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ସପ୍ତମ ସନ୍ଧ୍ୟା

ଓଡ଼ଗାଁ, ୩।୪
(ନାରାୟଣ ପାଣିଗ୍ରାହୀ)

ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ଶୁକ୍ରବାର ସପ୍ତମ ସନ୍ଧ୍ୟାରେ ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ପ୍ରଭୁ ଚିତ୍ରକୂଟ ପର୍ବତରେ ବିଶ୍ରାମ ନେବା ଦୃଶ୍ୟରେ ଦର୍ଶନ ଦେଇଥିଲେ। ପିତୃସତ୍ୟ ରକ୍ଷା କରିବା ପାଇଁ ରାଜ ସିଂହାସନ ତ୍ୟାଗକରି ପ୍ରଭୁ ଶ୍ରୀରାମ ସ୍ତ୍ରୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନବାସ ଯାତ୍ରା କରିବା ସମୟରେ ଯମୁନା ନଦୀ ପାର୍ ହୋଇ ଚିତ୍ରକୂଟ ପର୍ବତରେ ପହଞ୍ଚିଥିଲେ। ପୁଷ୍ପରାଜିରେ ସୁଶୋଭିତ ଚିତ୍ରକୂଟ ପର୍ବତମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର ହୋଇ ସେଠାରେ କିଛି ସମୟ ବିଶ୍ରାମ ନେଇଥିଲେ। ଅଯୋଧ୍ୟାରେ ଭ୍ରାତୃ ବିଛେଦରେ ଅସ୍ଥିର ହୋଇପଡ଼ିଥିବା ଭାଇ ଭରତ ପ୍ରଭୁଙ୍କୁ ଫେରାଇ ଆଣିବା ପାଇଁ ଅଯୋଧ୍ୟାବାସୀ ଓ ସୁମନ୍ତଙ୍କ ସହିତ ଆସି ସେଠାରେ ପହଞ୍ଚିଥିଲେ। ପ୍ରଭୁଙ୍କୁ ଫେରାଇ ନେବା ପାଇଁ ବହୁ ଅନୁନୟ ବିନୟ ହୋଇଥିଲେ ସୁଦ୍ଧା ସତ୍ୟସନ୍ଧ ଶ୍ରୀରାମ ଅଯୋଧ୍ୟାବାସୀଙ୍କର ମଙ୍ଗଳ କାମନା କରିବା ସହିତ ସେମାନଙ୍କୁ ଫେରିଯିବାକୁ କହିଥିଲେ। ଶେଷରେ ବାଧହୋଇ ଭ୍ରାତୃଭକ୍ତ ଭରତ ପ୍ରଭୁଙ୍କ ପାଦୁକା ଭିକ୍ଷାକରି ମସ୍ତକରେ ଧରି ଅଯୋଧ୍ୟା ଫେରି ଯାଇଥିଲେ। ଶୁକ୍ରବାର ଝିପି ଝିପି ବର୍ଷା ଅନୁଭୂତ ହୋଇଥିଲା। ପାଗ ଅନୁକୂଳ ଦେଇଥିବାରୁ ଠାକୁରଙ୍କ ଏହି ଅପୂର୍ବ ଲୀଳା ଦେଖିବାକୁ ଅଧିକ ସଂଖ୍ୟାରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଶନିବାର ଅଷ୍ଟାବଧାନ ବେଶ ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି।



ଚିତ୍ରକୂଟ ପର୍ବତରେ ସୀତା, ରାମ ଓ ଲକ୍ଷ୍ମଣ ବିଶ୍ରାମ ନେବାର ଦୃଶ୍ୟ।

# ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା, ସୀତାହରଣ

ଦଶପଲ୍ଲା, ୩।୪
(ପ୍ରକାଶ କୁମାର ପାଣି)

ଭାରତ ପ୍ରସିଦ୍ଧ ଐତିହାସିକ, ଦଶପଲ୍ଲା ଲଙ୍କାପୋଡି ଯାତ୍ରା ଅବସରରେ ଶ୍ରୀ ରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିରରେ ଦିନବେଳା ସୀତାହରଣ ନୀତି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ନାଟ୍ୟ ମଣ୍ଡପ ଓ ଅନତି ଦୂର ମୁକ୍ତାକାଶ ରଙ୍ଗମଞ୍ଚରେ ୮ମ ସନ୍ଧ୍ୟାରେ ଶ୍ରୀରାମଲୀଳାଭିନୟ ନିର୍ଣ୍ଣାୟକ ସୋପାନରେ ପହଞ୍ଚିଛି। ପଞ୍ଚବଟିରେ ବନ ଭ୍ରମଣ ସମୟରେ ଦୈତ୍ୟ ରାବଣର ଭଗିନୀ ସୂର୍ପନଖା ଶ୍ରୀରାମଙ୍କ ରୂପରେ ଆକର୍ଷିତ ହୋଇ ପ୍ରେମ ନିବେଦନ ସହିତ ବିବାହ ପ୍ରସ୍ତାବ ଦିଏ। ପ୍ରଭୁ ପଦସେବକ ଅନୁଜ ଲକ୍ଷ୍ମଣ, ରାକ୍ଷସୀର ଏହି ଅକ୍ଷମଣୀୟ କାର୍ଯ୍ୟରେ ପ୍ରତିକ୍ରିୟାଶୀଳ ହୋଇ ତା'ର ନାସା ଓ କର୍ଣ୍ଣ ଛେଦନ କରନ୍ତି। ଭଉଣୀ ଅପମାନରେ ଉତ୍‌କ୍ଷିପ୍ତ ଭ୍ରାତା ରାବଣ ପ୍ରତିଶୋଧ ପରାୟଣ ହୋଇ ମାରୀଚକୁ ମାୟାମୃଗ ରୂପରେ ପ୍ରେରଣ କରି ପ୍ରଭୁ ରାମଚନ୍ଦ୍ର ଓ ଅନୁଜ ଲକ୍ଷ୍ମଣଙ୍କୁ ଅନତି ଦୂରକୁ ନେଇଯାଏ। ଏହି ଅବସରରେ ପଞ୍ଚବଟୀରୁ ସୀତାଙ୍କୁ ମାୟାଯତି ବେଶରେ ଛଳନା ପୂର୍ବକ ଅପହରଣ କରି ପୁଷ୍ପକ ବିମାନରେ ଲଙ୍କା ଅଭିମୁଖେ ଅଗ୍ରସର ହୁଏ। ଆକୁଳ କ୍ରନ୍ଦନରତା ସୀତା ନିଜେ ପିନ୍ଧିଥିବା ଗହଣା ଗୋଟି ଗୋଟି କରି ତଳକୁ ନିକ୍ଷେପ କରନ୍ତି। ପକ୍ଷୀରାଜ ଜଟାୟୁ ତଥା ଦଶରଥଙ୍କ ମୈତ୍ର ରାବଣର ପଥ ଅବରୋଧ କରନ୍ତେ ପରାକ୍ରମୀ ରାବଣ ଚନ୍ଦ୍ରହାସ ଖଡ଼୍‌ଗରେ ଜଟାୟୁଙ୍କ ପକ୍ଷଛେଦନ କରେ। ତଥାପି ସୀତାଙ୍କ ଆଶୀର୍ବାଦରେ ଜଟାୟୁ ବଞ୍ଚି ରହି ଶ୍ରୀରାମଙ୍କୁ ସୀତା ଅପହରଣର ବାର୍ତ୍ତା ଦେଇ ଦେହତ୍ୟାଗ କରନ୍ତି। ମୁଖ୍ୟ ଆକର୍ଷଣ ହେଲା ମୁଖ୍ୟ ମଣ୍ଡପ ନିକଟରେ ରାବଣ ପୂଜନ ବିଧି, ପଣାଭୋଗ ଓ ସୁଦୃଶ୍ୟ, ସୁସଜ୍ଜିତ ୩୫ ଫୁଟ ଉଚ୍ଚତାବିଶିଷ୍ଟ କାଷ୍ଠ ନିର୍ମିତ ବିଂଶବାହୁ ଦଶମୁଖବିଶିଷ୍ଟ ଚଳନ୍ତିକ୍ଷମ ରାବଣ ଓ ପୁଷ୍ପକ ବିମାନ। ଏହା ପ୍ରଥମ ଶ୍ରେଣୀ ଭାରଦଣ୍ଡ ତତ୍ତ୍ୱରେ ପର୍ଯ୍ୟବଶିତ ତତ୍କାଳୀନ ପ୍ରଯୁକ୍ତି ବିଦ୍ୟାର ଅନନ୍ୟ ଓ କଳା କାରିଗରିର ଉତ୍କୃଷ୍ଟ ପ୍ରମାଣ ବହନ କରେ।



ମୁକ୍ତାକାଶ ରଙ୍ଗମଞ୍ଚରେ ହୋଇଥିବା ରାବଣ ମୂର୍ତ୍ତି।

# ଘଡୁଆଳ ବ୍ୟାଙ୍କ କଲୋନୀରୁ ଚୋରି

ନୟାଗଡ,୩।୪(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଘଡୁଆଳ ସତ୍‌ସଙ୍ଗ ବିହାର ପାଖ ବ୍ୟାଙ୍କ କଲୋନୀ ଚୁନି ପଟ୍ଟନାୟକଙ୍କ ଘରୁ ଚୋରି ହୋଇଛି। ଚୋରି କେଉଁ ଦିନ ହୋଇଛି ଜଣା ପଡିନାହିଁ। ଚୋରମାନେ ଘର କବାଟ ଭାଙ୍ଗିବା ସହ ଗଡରେଜ୍ ଭାଙ୍ଗି ଉପକରଣ ଫୋପଡା ପିଙ୍ଗା କରିଛନ୍ତି। ଗଡରେଜ୍ ଭିତରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ରୁପା ଅଳଙ୍କାର ଥିଲା। କ'ଣ ଚୋରି ହୋଇଛି ଜଣା ପଡି ନାହିଁ। ମାଲିକ ଭୁବନେଶ୍ୱରରେ ରହୁଥିଲେ। ପୋଲିସର ତଦନ୍ତ ପରେ ଘରୁ କଣ କଣ ଚୋରି ହୋଇଛି ଜଣାପଡିବ।

# ହୃଦ୍‌ଘାତରେ ସମିତି ସଭ୍ୟଙ୍କ ମୃତ୍ୟୁ

ଭାପୁର,୩।୪ (ପ୍ରଭାତ ବରାଡ)

ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ସମିତିସଭ୍ୟ ବଂଶୀଧର ସୁବୁଦ୍ଧିଙ୍କ (୮୩)ଙ୍କର ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅପରାହ୍ନ ୩.୩୦ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ଶୁଣି ଭାପୁର ପଞ୍ଚାୟତ ସମିତି ଅଧକ୍ଷା ସାବିତ୍ରୀ ପ୍ରଧାନ, ଉପାଧକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳଙ୍କ ସମେତ ବହୁ ଜନପ୍ରତିନିଧି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଅମ୍ବିକା ସୁବୁଦ୍ଧି ମୁଖାଗ୍ନି ଦେଇଥିଲେ।



ବଂଶୀଧର ସୁବୁଦ୍ଧି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ



ପ୍ରବେଶ ଉତ୍ସବରେ ଛାତ୍ରୀଛାତ୍ର।

ଖଣ୍ଡପଡା,୩।୪
(ଅଜୟ କୁମାର ମହାରଣା)

ପିଲାମାନଙ୍କୁ ଗୁଣାତ୍ମକ ଓ ସର୍ବୋତ୍ତମ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ବାସ୍ତବ ରୂପ ଦେବା ପାଇଁ ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ସହ ନୂଆକରି ପାଠ ଆରମ୍ଭ କରୁଥିବା ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ପ୍ରବେଶ ଓ ଖଡିଛୁଆଁ ଉତ୍ସବ ସମଗ୍ର ରାଜ୍ୟରେ ଅନୁଷ୍ଠିତ ହୋଇଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ ମାଧବ ଚୌଧୁରୀପାଟଣାସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ନୂତନ ଶିକ୍ଷାବର୍ଷ ଶୁଭାରମ୍ଭ ଅବସରରେ ଗୁରୁବାର ପ୍ରବେଶ ଉତ୍ସବ ଓ ପିଲାମାନଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷାବର୍ଷ ପ୍ରାରମ୍ଭରେ ଅରୁଣ, ଉଦୟ, କିରଣ, ପ୍ରଥମ ଶ୍ରେଣୀରେ ନାମଲେଖା ଆରମ୍ଭ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଙ୍ଗଳ କାମନା କରାଯାଇ ଶିଶୁ ମନ୍ଦିରରେ ହୋମ ଯଜ୍ଞ ଆୟୋଜନ କରାଯାଇଥିଲା। ପିଲାମାନେ ନବବସ୍ତ୍ର ପରିଧାନ କରି ଫୁଲ, ଧୂପ, ଦୀପ ଧରି ଶିକ୍ଷାନୁଷ୍ଠାନକୁ ଆସିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣାଙ୍କ ପୌରୋହିତ୍ୟରେ ତଥା ଅନ୍ୟାନ୍ୟ ଗୁରୁମା' ଗୁରୁଜୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଏହି ଅବସରରେ ଶିଶୁମନ୍ଦିର ସଭାପତି ପ୍ରଦୀପ କୁମାର କର, ପରିଚାଳନା କମିଟି ସଦସ୍ୟା, ସଦସ୍ୟ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ନୀଳମାଧବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଦଣ୍ଡପର୍ବ ଯୋଗୁ ଗାଁ ଗାଁରେ ଆଧାତ୍ମିକ ପରିବେଶ

ଖଣ୍ଡପଡା,୩।୪
(ଅଜୟ କୁମାର ମହାରଣା)

ପାରମ୍ପରିକ ଦଣ୍ଡପର୍ବ ଯୋଗୁ ଖଣ୍ଡପଡା ବ୍ଲକ ଅଞ୍ଚଳରେ ଗାଁ ଗାଁରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମାନସିକ ରଖି ଦଣ୍ଡୁଆମାନେ ନିଷ୍ଠା ଓ କାଷ୍ଠାର ସହ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି। ଅପରାହ୍ନରେ ଜଳାଶୟ ନିକଟରେ ଦଣ୍ଡୁଆଙ୍କ ସ୍ନାନ ଓ ବିଗ୍ରହଙ୍କୁ ଭୋଗଲାଗି ଅବସରରେ ମା' ଦଣ୍ଡକାଳୀଙ୍କ ଉଭାପର୍ବର ଦୃଶ୍ୟକୁ ଶ୍ରଦ୍ଧାଳୁ ଉପଭୋଗ କରୁଛନ୍ତି। ଗାଁ ଦାଣ୍ଡରେ ଧୂଳିଦଣ୍ଡର ଦୃଶ୍ୟ ସାଙ୍ଗକୁ ରାତ୍ରିକାଳରେ ଦଣ୍ଡ ନୃତ୍ୟର ମଜା ନେଉଛନ୍ତି ଗ୍ରାମବାସୀ। ମହାବିଷୁବ ସଂକ୍ରାନ୍ତି ମେରୁପର୍ବ ଅବସରରେ ସମସ୍ତ କୋଠରିରେ ଦଣ୍ଡପର୍ବ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି।



ଦଣ୍ଡପର୍ବ ପୂଜାର୍ଚ୍ଚନା କରାଯାଉଛି।

# ହାଣ୍ଡିଭଙ୍ଗା ଯାତ୍ରା ଉଦ୍‌ଯାପିତ, ବାଳିବଧ ମଞ୍ଚସ୍ଥ



ବାଦୀ ଦୁଆରୀ ନାଟକ।

ଖଣ୍ଡପଡା,୩।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ମହୁଲପଡାର ମା' ମହିଷାଶୁଣୀ ପୀଠରେ ହାଣ୍ଡିଭଙ୍ଗା ପର୍ବର ଉଦ୍‌ଯାପନୀ ଦିବସ ଶୁକ୍ରବାର ବିଭିନ୍ନ ଅଞ୍ଚଳର ମହିଳା ମଣ୍ଡଳ ପକ୍ଷରୁ ବାଦୀ ନାମଯଜ୍ଞ ଓ ପରେ ପରେ ବଡସହରା ଓ ବାଉଁଶବାଟୀ ଅଞ୍ଚଳର ବାଦୀ ଦୁଆରୀ ନାଟ୍ୟ ପରିବେଷଣ କରାଯାଇଥିଲା। ରାତ୍ରି ସମୟରେ ନୟାଗଡ଼ ଜିଲା ଶରଣକୁଳ ଅଞ୍ଚଳର ଏକ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ 'ବାଳି ବଧ'ନାଟକ ଉପଭୋଗ କରିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକ ସମାଗମ ହୋଇଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀ ସହ ଠାକୁରଙ୍କୁ ବିମାନ ଯୋଗେ ଏକ ପାଟପଡୁଆରରେ ଗ୍ରାମ ପରିକ୍ରମା କରାଯାଇ ଚାଟେରୀ ଭୋଗ ଲାଗି ହୋଇଥିଲା।

## ବେଆଇନ ବାଣ ଉପରେ ରହୁନି ଲଗାମ

# ୧୩ ବର୍ଷରେ ଗଲାଣି ୧୪ ଜୀବନ, ୨୦ ଆହତ

ନୟାଗଡ଼,୩।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ବିଭିନ୍ନ ଥାନାର ଜନବସତି ଭିତରେ ବେଆଇନ ବାଣ ତିଆରି ହେଉଥିବା ଅଭିଯୋଗ ହୋଇଆସୁଛି। ଏ ନେଇ ପୋଲିସର କାର୍ଯ୍ୟାନୁଷ୍ଠାନ ନାହିଁ। ଗତ ୧୩ ବର୍ଷ ଭିତରେ ବାଣ ବିସ୍ଫୋରଣରେ ୧୪ ଜଣଙ୍କର ମୃତ୍ୟୁ ଓ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇସାରିଲେଣି। ୧୪ଜଣଙ୍କର ମୃତ୍ୟୁ ପରେ ଏପ୍ରିଲ ୩ ମଧ୍ୟାହ୍ନରେ ନୂଆଗାଁ ଥାନା କୋରଡାରେ ବାଣ ବିସ୍ଫୋରଣ ୬ଜଣ ଆହତ ହେବା ଘଟଣା ପୋଲିସର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ନୂଆଗାଁ ଥାନାଠାରୁ କୋରଡାର ଦୂରତା ମାତ୍ର ୪ କି.ମି. ଥିବାବେଳେ ପୋଲିସ କିଭଳି ବାଣ ତିଆରି ନେଇ ଜାଣି ପାରୁ ନ ଥିଲା ବୋଲି ପ୍ରଶ୍ନ ଉଠିଛି। ଗାଁ ଭିତରେ ପ୍ରତିଦିନ ବାଣ ପ୍ରସ୍ତୁତ ହେଉଥିଲା। କିଛି ଲୋକ ଯାଇ ବାଣ ତିଆରିରେ ସହଯୋଗ କରୁଥିଲେ। ଏହା ପରେ ପୋଲିସ ଜାଣି ନାହିଁ କହି ଖସିଯିବା ବେଆଇନ ବାଣ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେବା ବୋଲି ମତ ପ୍ରକାଶ ପାଇଲାଣି। ୨୦୧୨ରେ ଇଟାମାଟି ଥାନାର ଗୋବିନ୍ଦପୁରରେ ବାଣ ବିସ୍ଫୋରଣରେ ୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୬ରେ ଇଟାମାଟି ତନ୍ତିସାହିରେ ବିସ୍ଫୋରଣ ଘଟି ୮ଜଣଙ୍କର ମୃତ୍ୟୁ ଘଟିଥିଲା।

ସେହିପରି ୨୦୧୯ରେ ଶରଣକୁଳ ଥାନା ଗୋଡିପଡାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୫ରେ ତେଣ୍ଡାବାଡିରେ ଜଣେ ଲୋକଙ୍କର ମୃତ୍ୟୁ ହୋଇଥିଲା। ତିଆରି ତରିକାକୁ ଦେଖିଲେ ସବୁ ବାଣ ପ୍ରସ୍ତୁତି ଜନବସତିରେ ହୋଇଆସୁଛି ବୋଲି ବିସ୍ଫୋରଣ ପରେ ସ୍ପଷ୍ଟ ହେଉଛି। ୨୦୧୨ଠାରୁ ୨୦୨୬କୁ ଅନୁଧ୍ୟାନ କଲେ ପୋଲିସର

### ଜନବସତିରେ ବାଣ ପ୍ରସ୍ତୁତି ସତ୍ତ୍ୱେ ନାହିଁ କାର୍ଯ୍ୟାନୁଷ୍ଠାନ

କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନୁହେଁ। ବାଣ ବ୍ୟବସାୟ ଆଗରେ ପୋଲିସ ହାତ ଟେକି ଦେଲାପରି ଜଣାପଡୁଛି। ୨୦୨୦ ପରଠାରୁ ୩ବର୍ଷ ହେଲା ଅଘଟଣ ଘଟି ନ ଥିଲେ ମଧ୍ୟ ବାଣ ବିସ୍ଫୋରଣରେ ବିଭିନ୍ନ ସ୍ଥାନରେ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ଏହା ସତ୍ତ୍ୱେ ବେଆଇନ ବାଣ କାରବାର ଉପରେ ରୋକ୍ ଲାଗି ପାରିନି। ଗାଁ ଗହଳିରେ ବେଆଇନ ବାଣ ତିଆରି ଚାଲିଛି। ଆଉ କେତେଜଣ ପ୍ରାଣ ହରାଇଲା ପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

ଏନେଇ ଜଣେ ବାଣ ବ୍ୟବସାୟୀ ନାଁ ଗୋପନ ରଖି କହିଛନ୍ତି, ଜନବସତିରେ ବାଣ ବ୍ୟବସାୟ ସମ୍ପର୍କରେ ପୋଲିସ ଜାଣେ। ହେଲେ ବ୍ୟବସାୟୀଙ୍କ ସହ ପୋଲିସର ସମ୍ପର୍କ ଯୋଗୁ କିଛି ଅସୁବିଧା ନ ଥାଏ। ଅଘଟଣ ଘଟିଲେ କେହି ଜାଣି ନାହାନ୍ତି ବୋଲି ସଫେଇ ଦିଆଯାଏ। କିଛି ଦିନ ପରେ ସବୁ କିଛି ଠିକ୍‌ଠାକ୍ ହୋଇଯାଏ। ଯାହା ଗୋବିନ୍ଦପୁର, ଇଟାମାଟି, ଗୋଡିପଡା, ତେଣ୍ଡାବାଡି ଓ ଶୁକ୍ରବାର ଘଟିଥିବା କୋରଡା ଗାଁକୁ ନଜୀର ଭାବେ ନିଆଯାଇପାରେ। ଅନ୍ୟପକ୍ଷେ ବିଭିନ୍ନ ସମୟରେ ବାଣ ବିସ୍ଫୋରଣରେ ମୃତ୍ୟୁ ଘଟୁଥିଲେ ମଧ କାରଣକୁ ମଧ ଭିନ୍ନ ରୂପ ଦିଆଯାଉଛି ବୋଲି ମଧ କହିଥିଲେ।

ଆଇନଜୀବୀ ରଣଜିତ ଦାଶ କୁହନ୍ତି, ଜିଲାର ବିଭନ୍ନ ସ୍ଥାନରେ ବାଣ ଜନବସତିରେ ହେଉଥିବା ବେଳେ ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀମାନେ ହାଲୁକା ଭାବେ ନେବା ଠିକ୍ ନୁହେଁ। ଯେଉଁମାନେ ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଛନ୍ତି ପୋଲିସର ସହଯୋଗ ନ ରହିଲେ କେବେ ବି ପ୍ରସ୍ତୁତ କରି ପାରିବେ ନାହିଁ। କୋରଡା ଗାଁର ବାଣ ବିସ୍ଫୋରଣକୁ ଦେଖିଲେ ଏହା ଦିନକର କଥା ବୋଲି କୁହାଯିବନି। କିଛି ମାସ ହେଲା ବାଣ ପ୍ରସ୍ତୁତି ଚାଲିଥିଲା ବୋଲି ଜଣାପଡୁଛି। ପୂର୍ବରୁ ସମ୍ପୃକ୍ତ ବାଣ କାରିଗରଙ୍କ ନାଁରେ ମାମଲା ହୋଇଥିଲା। ଥାନା ନାକତଳେ ବାଣ ପ୍ରସ୍ତୁତି ହେଉଥିବା ବେଳେ ପୋଲିସର ନେଟୱର୍କ କାମ ନ କରିବା ତା'ର ପାରିବାପଣିଆକୁ ପଦାରେ ପକାଇଛି। ପୋଲିସ ପ୍ରଶାସନ ବେଆଇନ ବାଣ ପ୍ରସ୍ତୁତି ଉପରେ ଲଗାମ ଲଗାଇବା ଦରକାର ବୋଲି କହିଥିଲେ।

15001/4/2627



ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୬

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ଼ ନମ୍ବର – ୩ ସ୍ଥିତ
ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004

## ସଂକ୍ଷେପରେ

### ମା' ଖଣ୍ଡୁରାଇଙ୍କ ଯଜ୍ଞ ଉତ୍ସବ

**କଳିଙ୍ଗନଗର,୩୧୪(ଶୁଭାଶିଷ ରାଉତ)**

ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ଗ୍ରାମରେ ମା' ଖଣ୍ଡୁରାଇଙ୍କ ତୃତୀୟ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଉତ୍ସବରେ କଳସ ଯାତ୍ରା, ଘଟ ସ୍ଥାପନ, ଧ୍ୱଜ ପୂଜା, ସୂର୍ଯ୍ୟପୂଜା, ଗୋପୂଜା, ନାମ ଯଜ୍ଞ ଓ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଉକ୍ତ ଯଜ୍ଞ ଉତ୍ସବରେ ଗ୍ରାମର ସମସ୍ତ ବ୍ୟକ୍ତି ଉପସ୍ଥିତ ରହି ମା'ଙ୍କ କରୁଣା ଲାଭ କରିଥିଲେ। କର୍ତ୍ତାଭାବେ ମଦନ ମୋହନ ସାହୁ ଓ ତାଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ସାହୁ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

### ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଯାଜପୁରଟାଉନ,୩।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବୈତରଣୀ ନଦୀର ଆଖୁଆପଦା ଆନିକଟ ନିକଟରେ ସାଙ୍ଗଙ୍କ ସହ ଜଣେ ଯୁବକ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଆଖୁଆପଦା ଗ୍ରାମର ରମେଶ ଚନ୍ଦ୍ର ବେହେରାଙ୍କ ପୁଅ ଭୋଳାନାଥ ବେହେରା(୧୮)। ସ୍ଥାନୀୟ ଲୋକେ ନଦୀରୁ ଭୋଳାନାଥଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଶତାୟୁ ମହିଳାଙ୍କ ପରଲୋକ

ବ୍ରହ୍ମବରଦା,୩।୪(ଯଯାତି କେଶରୀ ବେହେରା)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଇସଲାମନଗ୍ସ୍ଥିତ ଜିଲା ସଂଖ୍ୟାଲଘୁ ସେଲର ସଭାପତି ସଫି ଆଲାମ ଖାଁଙ୍କ ଜେଜେ ମା' ଆଏସା ବିବିଙ୍କ(୧୦୨)ବର୍ଷ ବୟସରେ ଶୁକ୍ରବାର ଅପରାହ୍ଣରେ ପରଲୋକ ହୋଇଯାଇଛି। କିଛି ଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବ୍ରହ୍ମବରଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସେ ଜଣେ ସରଳ, ନିରୀହ, ନିଷ୍କପଟ ଓ ଧର୍ମପରାୟଣା ମହିଳା ଭାବେ ଆଖପାଖ ଅଞ୍ଚଳରେ ବେଶ ଜଣାଶୁଣାଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ଭାଜପା ନେତା ଉମେଶ ଜେନା, ବ୍ରହ୍ମବରଦା ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ, ପ୍ରଦୀପ ଦାସ, ଜୁଲଫିକର ଅଲ୍ଲି ଖାଁ ଶୋକ ପ୍ରକାଶ କରିବା ସହ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସମୂହ ନମାଜ ପାଠପରେ ମରଶରୀରକୁ ତାଙ୍କ ବାସସ୍ଥାନ ନିକଟ କବରସ୍ଥାନରେ କବର ଦିଆଯାଇଥିଲା।

### ହିଙ୍ଗୁଳା ତନ୍ତୁବାୟ ସହଯୋଗ ସମିତିର ବାର୍ଷିକୋତ୍ସବ

**ରସୁଲପୁର,୩।୪(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ହିଙ୍ଗୁଳା ତନ୍ତୁବାୟ ସହଯୋଗ ସମିତିର ୪୬ତମ ବାର୍ଷିକୋତ୍ସବ ଦକ୍ଷିଣ ଭୋଟକା ପ୍ରାଥମିକ ବିଦ୍ୟାଳୟ ପରିସରରେ ସମିତି ସଭାପତି ନିର୍ମଳ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉତ୍ସବରେ ସମିତି କୃତୀ ବୁଣାକାରଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କୁ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସଚେତନ କରାଯାଇଥିଲା। ସମିତିର ସମ୍ପାଦକ ବିଶ୍ୱନାଥ ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ସମିତିର ବ୍ୟୟ ଅଟକଳ ଓ ଉତ୍ପାଦନ ପାଇଁ ରଖାଯାଇଥିବା ଲକ୍ଷ୍ୟକୁ ନେଇ ପ୍ରସ୍ତୁତ ବଜେଟ ଉପସ୍ଥାପନ କରିଥିଲେ। ସମିତିର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ସକାଶେ ରହି ଆସୁଥିବା ଜମି ଜମା ସମ୍ପର୍କିତ ସମସ୍ୟା ସମ୍ପର୍କରେ ସଦସ୍ୟ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ସମସ୍ୟାକୁ ପ୍ରଶାସନିକସ୍ତରରେ ଆଲୋଚନା କରାଯିବା ନେଇ ସ୍ଥିର କରାଯାଇଥିଲା। ବୁଣାକାରଙ୍କ ପାଇଁ ସରକାରୀସ୍ତରରେ ରହୁଥିବା ସୁବିଧାକୁ କିଭଳି ସରଳ ଭାବରେ ସେମାନଙ୍କ ହିତରେ ଆସିପାରିବ ସେ ଦିଗରେ ସମିତି କାର୍ଯ୍ୟକର୍ତ୍ତା ଗୁରୁତ୍ୱ ଦେବାକୁ ସଭ୍ୟମାନେ ମତ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସୁବିଧା ହାତେଇବା ପାଇଁ ଯୋଗ୍ୟ ବୁଣାକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ ସେ ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଦକ୍ଷ ବୁଣାକାରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଣାକାର ସୁରେଶ ଚନ୍ଦ୍ର ଦାସଙ୍କୁ ୧ମ, ବୀରକିଶୋର ଦାସ ୨ୟ, ନିତ୍ୟାନନ୍ଦ ଦାସଙ୍କୁ ୩ୟ ସ୍ଥାନ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରହ୍ଲାଦ ବେହେରା, ବିଷ୍ଣୁଚରଣ ଦାସ, ଗଙ୍ଗାଧର ନାୟକ, ସୁବାସ ନାଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ବୁଣାକାରଙ୍କୁ ସମ୍ମାନିତ କରିଥିଲେ। ଦୁର୍ଗାମାଧବ ଦାସ, ତୁଷାର ଚନ୍ଦ୍ର ଦାସ, ରାମଚନ୍ଦ୍ର ବେହେରା ସହଯୋଗ କରିଥିଲେ। ସମିତି ଉପସଭାନେତ୍ରୀ ପୁଷ୍ପଲତା ନାଏକ ଧନ୍ୟବାଦ ଦେଇଥିଲେ।

# ସ୍ଥାନୀୟ ଅଞ୍ଚଳର ସାମାଜିକ, ଅର୍ଥନୈତିକ ବିକାଶ ହେବ

## ବିରଜାହାଟ ପ୍ରକଳ୍ପର ଭିତ୍ତିପ୍ରସ୍ତର

**ଯାଜପୁର ଟାଉନ,୩।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**


ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସମେତ ଅନ୍ୟମାନେ।

ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ଶୁକ୍ରବାର ମା' ବିରଜା ମନ୍ଦିର ନିକଟରେ ବିରଜା ହାଟର ପୁନରୁଦ୍ଧାର ଓ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ କହିଥିଲେ, ନୂତନ ବିରଜା ହାଟର ଉନ୍ନତ ଭିତ୍ତିଭୂମି ଏବଂ ସୁବ୍ୟବସ୍ଥିତ ବଜାର ଯୋଗୁ ସ୍ଥାନୀୟ ଅଞ୍ଚଳର ସାମାଜିକ, ଅର୍ଥନୈତିକ ବିକାଶ ହୋଇପାରିବ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା ଏବଂ ଜିଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ। ବିରଜା ହାଟର ବିକାଶ ପାଇଁ ପ୍ରାୟ ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଜାନୁଆରୀ ୨୦୨୭ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି।

ବିରଜା ହାଟ ପ୍ରକଳ୍ପରେ ୧୨୪ ସ୍ଥାୟୀ ଦୋକାନ, ୩୧୨ ଭେଣ୍ଡିଂ ସପ୍ ସହ ପାର୍କିଂ, ଚଲାପଥ, ସୁରକ୍ଷା କିଓସ୍କ, ପାଚେରି, ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ବିକଶିତ ହେବ। ବିରଜା ହାଟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ବାସିନ୍ଦାଙ୍କୁ ଏକ ସୁରକ୍ଷିତ ଏବଂ ସ୍ୱଚ୍ଛ ବଜାର ସୁବିଧା ମିଳିବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ରାସ୍ତା ଓ କୋଠାବାଡି ଅଧୀକ୍ଷଣ ଯନ୍ତ୍ରୀ କୋମଳ କୁମାର ସ୍ୱାଇଁଙ୍କ ସମେତ ବହୁ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ମାରଓ୍ୱାଡି ସମାଜ ପକ୍ଷରୁ ହନୁମାନଙ୍କ ଜନ୍ମୋତ୍ସବ



**ବ୍ୟାସନଗର,୩।୪(ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ସହରର ମାରଓ୍ୱାଡି ସମାଜ ପକ୍ଷରୁ ଗୁରୁବାର ହନୁମାନଙ୍କ ଜନ୍ମୋତ୍ସବ ଗୋପବନ୍ଧୁ ଛକ ନିକଟ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ସକାଳ ୭ଟାରେ ଏକ ସୁସଜ୍ଜିତ ରଥରେ ହନୁମାନଙ୍କ ଫୋଟୋଚିତ୍ର ଓ ଧ୍ୱଜା ଧରି ଉଭୟ ମହିଳାପୁରୁଷ ଜୟ ହନୁମାନ ଧ୍ୱନି ଦେଇ ନଗରଭ୍ରମଣ କରିଥିଲେ। ସେମାନେ ନନ୍ଦରାମ ବଟିକାଠାରୁ ଶୋଭାଯାତ୍ରାରେ ବାହାରି ସହରର ଗୋପବନ୍ଧୁ ଛକ, ଷ୍ଟେଶନ ବଜାର, ରାଧାନାଥ ମାର୍ଗ, ଚୋରଦା ବାଇପାସ ଛକ ଦେଇ ଲକ୍ଷ୍ମୀ ନାରାୟଣ ମନ୍ଦିର ନିକଟରେ ପହଞ୍ଚିଥିଲେ। ସମଗ୍ର ସହର ଗେରୁଆ ପତାକାରେ ସଜ୍ଜା ଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ଶୋଭାଯାତ୍ରା ପହଞ୍ଚିବାପରେ ସମୂହ ହନୁମାନ ଚାଳିଶାପାଠ ଓ ସନ୍ଧ୍ୟାରେ ସୁନ୍ଦରକାଣ୍ଡ ପାଠ ସହ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ପୂଜାକାର୍ଯ୍ୟରେ କୋରେଇ ବିଧାୟକ ଆକାଶ ଦାସନାୟକ, ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଜିଲା ଟ୍ୟାକ୍ସ ବାର୍‌ର ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସହ ବହୁ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଯାଜପୁରରୋଡ୍ ସୁନ୍ଦରକାଣ୍ଡ ମଣ୍ଡଳୀର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ। ଯାଜପୁରରୋଡ୍ ପୋଲିସ ପକ୍ଷରୁ ଶୋଭାଯାତ୍ରା ସମୟରେ ଶୃଙ୍ଖଳାରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।

# ବାରବାଟୀ ମା'ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ


ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ନଦୀରୁ ଜଳକଳସ ଅଣାଯାଉଛି।

**ଯାଜପୁର,୧।୪(ହର୍ଷବର୍ଦ୍ଧନ ବେହେରା)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗ୍ରାମର ମା'ତାରିଣୀଙ୍କ ପୀଠରେ ୨୯ତମ ବାର୍ଷିକ ବିଶ୍ୱଶାନ୍ତି ଶାକ୍ତ ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ମହାଯଜ୍ଞ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ନଦୀରୁ କଳସ ଶୋଭାଯାତ୍ରା କରାଯାଇ ଜଳକଳସ ଅଣାଯିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏଠାରେ ସମାଗମ ହେଉଛନ୍ତି। ଯଜ୍ଞ ଅବସରରେ ଭକ୍ତଙ୍କ ପାଇଁ ଭୋଗ ବଣ୍ଟନ, ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଏଥିରେ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ନାୟକ ନେତୃତ୍ୱ ନେଉଥିବାବେଳେ ମହେଶ ବେହେରା ଓ ବିନିତା ବେହେରା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ବେଣୁଧର ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟି ସଦସ୍ୟ ରବୀନ୍ଦ୍ର ନାୟକ ଓ ପ୍ରକାଶ ଚନ୍ଦ୍ର ନାୟକ ସହଯୋଗ କରୁଛନ୍ତି।

## ବରିଷ୍ଠ ନାଗରିକଙ୍କ ବୈଠକ

**ବ୍ୟାସନଗର,୩।୪(ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ସାପଗଡ଼ିଆ ବନଦୁର୍ଗା କମ୍ୟୁନିଟି ସେଣ୍ଟର ପରିସରରେ ବରିଷ୍ଠ ନାଗରିକଙ୍କ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନାମରେ ଏକ ବରିଷ୍ଠ ନାଗରିକ ମଞ୍ଚ ଗଠନ ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ଆଇନଜୀବୀ ବ୍ରଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମ୍ପ୍ରତିକ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ଶ୍ୟାମସୁନ୍ଦର ପଣ୍ଡା, ଅନ୍ୟତମ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମହାପ୍ରବନ୍ଧକ ନିରାକାର ସାହୁ ଓ ସାମାଜିକ କର୍ମୀ ଧ୍ରୁବ ଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ପଣ୍ଡା କହିଥିଲେ, ଆଜିର ସମାଜରେ ବରିଷ୍ଠ ନାଗରିକ ହେଉଛନ୍ତି ଏକ ଜୀବନ୍ତ ଅନୁଭବ ସଂଗ୍ରହାଳୟ। ସେମାନଙ୍କ ସୁରକ୍ଷା ଆମର ଦାୟିତ୍ୱ। ଏହି ବୈଠକରେ ଝାଡ଼େଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ପଣ୍ଡା, ଅଜୟ ବିଶ୍ୱାଳ, ଶୁଭଦର୍ଶୀ ମଲ୍ଲ, ଚୈତନ୍ୟ ଚରଣ ଓଝା, ବିଜୟ ବେହେରା, ପ୍ରମୋଦ ହରିଚନ୍ଦନ, ପ୍ରଦୀପ ପୃଷ୍ଟି, ଦୀପକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କିଶୋର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କଠାରୁ ଗୃହ ସ୍ୱଗଣନା ପ୍ରକ୍ରିୟା ଆରମ୍ଭ


ବିଧାୟକ ଅମର ନାୟକଙ୍କ ସହ ଜନଗଣନା ଅଧିକାରୀମାନେ।

**ବଡ଼ଚଣା,୩।୪(ଦିଲୀପ କୁମାର ମହାନ୍ତି)**

ଜନଗଣନା-୨୦୨୭ ପାଇଁ ବଡ଼ଚଣା ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ସମାପ୍ତ ପରେ ଶୁକ୍ରବାର ଗୃହ ସ୍ୱଗଣନା କାର୍ଯ୍ୟକ୍ରମ ବିଧାୟକ ଅମର ନାୟକଙ୍କଠାରୁ ଆରମ୍ଭ ହୋଇଛି। ବିଧାୟକ ଡିଜିଟାଲ ମାଧ୍ୟମରେ ନିଜକୁ ଓ ନିଜ ପରିବାରକୁ ଏଥିରେ ସାମିଲ କରିଛନ୍ତି। ରାଜ୍ୟ ସରକାର ଓ ଯାଜପୁର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଚଳିତ ମାସ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଗୃହ ସ୍ୱଗଣନା କାର୍ଯ୍ୟକ୍ରମ ଚାଲୁରହିବ। ବଡ଼ଚଣା ବ୍ଲକର ଜନଗଣନା-୨୦୨୭ର କାର୍ଯ୍ୟଭାର ଗ୍ରହଣ କରିଥିବା ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ବିଧାୟକଙ୍କ ଶାଳପଡ଼ାସ୍ଥିତ ବାସଭବନକୁ ଯାଇ ତାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଇଛନ୍ତି। ପର୍ଯ୍ୟାୟକ୍ରମେ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଗୃହ ସ୍ୱଗଣନା କାର୍ଯ୍ୟକ୍ରମରେ ଅନ୍ୟମାନେ ସାମିଲ ହେବାର ପ୍ରକ୍ରିୟା ଜାରିରହିଛି। ରାଜ୍ୟ ସରକାର ସ୍ୱଚ୍ଛତା ଉପରେ ଦୃଷ୍ଟିଦେବା ସହ ନିର୍ଭୁଲ ଗୃହ ସ୍ୱଗଣନା କିପରି ସଫଳ ହୋଇପାରିବ ଏବଂ କୌଣସି ପରିବାର ଯେପରି ଏହି ତାଲିକାରୁ ବାଦ ନ ପଡ଼ିବେ ସେଥିପ୍ରତି ବେଶ ସଚେତନ ଅଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି।

# ଓଡ଼ିଆ ପକ୍ଷରେ ପାରମ୍ପରିକ ପୋଷାକ ପରିଧାନ

ଯାଜପୁର ସଦର,୩।୪(ସମର ବିଜୟ ଶରଣ)


ପାରମ୍ପରିକ ପୋଷାକ ପରିଧାନ କରିଥିବା ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ।

ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହିଅବସରରେ ଏପ୍ରିଲ ୨ ଏବଂ ୩ରେ ପାରମ୍ପରିକ ପୋଷାକ ଦିବସ ପାଳନ କରାଯାଇଛି। ଏହାର ଥିମ ରହିଛି 'ଆମ ପୋଷାକ, ଆମ ପରିଚୟ'। ଯାଜପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଏହାକୁ ଆନ୍ତରିକତାର ସହ ପାଳନ କରାଯାଇଛି। ୨ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି। ସେମାନେ ସମ୍ବଲପୁରୀ ବସ୍ତ୍ର, ଶାଢ଼ି, ଖଦି ପୋଷାକ, ବ୍ରହ୍ମପୁରୀ ଇତ୍ୟାଦି ପାରମ୍ପରିକ ହାତବୁଣା ଓଡ଼ିଆ ପୋଷାକ ପରିଧାନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଫ୍ଲାଗପୋଷ୍ଟ ନିକଟରେ ଏକତ୍ରିତ ହୋଇ ଫଟୋ ସେସନ କରିଥିଲେ। ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସମେତ ବରିଷ୍ଠ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଏବଂ କାରିଗରୀକୁ ପ୍ରୋତ୍ସାହନ ଦେବା ସହ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଥିଲା ବୋଲି କୁହାଯାଇଥିଲା।

# ୧୪ରେ ମା'ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

ବ୍ୟାସନଗର,୩।୪(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦ ୧୪ନଂ. ୱାର୍ଡ ଚୋରଦା ବାଇପାସ ଛକ ନିକଟରେ ଥିବା ମା' ତାରିଣୀ ମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ ତାରିଖ ମଙ୍ଗଳବାର ପଣା ସଂକ୍ରାନ୍ତିରେ ଅଧିବାସ ଓ ୧୫ ତାରିଖ ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ବିଜୟ ପରିଡ଼ା, ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୀପକ ମଲ୍ଲିକ, ଉପଦେଷ୍ଟା ନିରାକାର ସାହୁ, ରାଜକିଶୋର ପାଢ଼ୀ, କାର୍ଯ୍ୟକାରୀ କମିଟି ସଭ୍ୟ ସୁନୀଲ କୁମାର ଗୁପ୍ତା, ଅମୂଲ୍ୟ ପୁହାଣ, ବିପିନ ବାରିକ ଓ ପ୍ରଭାକର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ଯୋଗଦେଲେ ଯାଜପୁରର ସମବାୟବିତ


ଭାଜପାରେ ସାମିଲ ହୋଇଥିବା ସମବାୟବିତ୍‌ମାନେ।

**ଯାଜପୁର,୩।୪(ହର୍ଷବର୍ଦ୍ଧନ ବେହେରା)**

ସମବାୟବିତ ହରିହର ସ୍ୱାଇଁଙ୍କ ନେତୃତ୍ୱରେ ଯାଜପୁର ଜିଲାର ବହୁ ସମବାୟବିତ ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କଟକ ସେଣ୍ଟ୍ରାଲ କୋଅପେରାଟିଭ ବ୍ୟାଙ୍କ ନିର୍ଦ୍ଦେଶକ ବିଜୟ ଦଳେଇ, ଅଭିଜିତ ଦୀକ୍ଷିତ, ଚଳଚ୍ଚିତ୍ର ଅଭିନେତା ଅଭିନବ ସିଂହ, ପବିତ୍ର ରଞ୍ଜନ ମହାନ୍ତି, ମନୋଜ ବେହେରା, ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ଶତାଧିକ ସମବାୟବିତ ଭାଜପାରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଦଳୀୟ ଉତ୍ତରୀୟ, ଟୋପି ଓ ପଦ୍ମ ଫୁଲ ଦେଇ ଯାଜପୁରର ସମବାୟବିତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସମବାୟବିତମାନେ ଯୋଗଦେଇଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସୂଚନା ଦେଇଥିଲେ।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

**ରସୁଲପୁର,୩।୪(ରଞ୍ଜିତ ରାଉତ)**



ସ୍ୱତନ୍ତ୍ର ଜାତୀୟ ସେବା ଶିବିରରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ରସୁଲପୁର ବ୍ଲକ ଅନ୍ତର୍ଗତ ଖଇରାବାଦ-ମୁଗୁପାଳ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ୭ଦିନିଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୨୬ ମାର୍ଚ୍ଚରେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ କଲେଜର ବିଦ୍ୟାର୍ଥୀ ଯୋଗଦେଇ ବିଭିନ୍ନ ଜନସେବାମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେବା ହିଁ ପରମଧର୍ମକୁ ଲକ୍ଷ୍ୟ କରି ଯୁବସମାଜ ଆଗକୁ ବଢ଼ିଲେ ସାମାଜର ହିତସାଧନ ହୋଇପାରିବ। ଯୁବଶକ୍ତିକୁ ଠିକ୍ ମାର୍ଗରେ ବିନିଯୋଗ କରାଯାଇ ପାରିଲେ ଅସାଧ ସାଧାନ ହୋଇପାରିବ ବୋଲି ଶିବିର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ପ୍ରକାଶ କରିଥିଲେ।

ଶିବିରର ଉଦ୍‌ଯାପନୀ ଉତ୍ସବ କଲେଜ ଅଧ୍ୟକ୍ଷା ଶାରଦା କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ଜାତୀୟ ସେବା ଯୋଜନାର ସଂଯୋଜକ ସୁଦୀପ୍ତ ସାମଲ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ରବିନାରାୟଣ ମିଶ୍ର, ସମ୍ମାନିତ ଅତିଥିଭାବେ କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ, ଅତିରିକ୍ତ ମୋଟର ଭେହିକିଲ ନିରୀକ୍ଷକ ପ୍ରଦୀପ୍ତ କିଶୋର ବେହେରା, ମୁଗୁପାଳ ସମିତିସଭ୍ୟ ନରୋତ୍ତମ ସାହୁ, ଯୁବନେତା ଦୁଷ୍ମନ୍ତ ମଲିକ, ଅଧ୍ୟାପିକାଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ, ସୁରେଶ ଦାଶ, ଗାୟତ୍ରୀ ନାୟକ, ସୁରେନ୍ଦ୍ର ପାତ୍ର, ବିଧୁଭୂଷଣ ପଣ୍ଡା, ଯୋଗଦେଇ ସମାଜର ଦୁଃସ୍ଥ, ଅବହେଳିତ, ନିଷ୍ପେଷିତଙ୍କ ସେବାରେ ଛାତ୍ର ସମାଜ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା କାଦମ୍ବିନୀ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିବିରାର୍ଥୀ ସାଇବର ସୁରକ୍ଷା, ଜଳସମ୍ପଦର ସଂରକ୍ଷଣ, ବିଶ୍ୱ ଜଳବାୟୁ ପରିବର୍ତ୍ତନ, ମହିଳା ସଶକ୍ତୀକରଣ, ସଡ଼କ ସୁରକ୍ଷା ଆଦି ବିଭିନ୍ନ ଜନସେବା ଓ ସଚେତନାମୂଳକ କାର୍ଯ୍ୟରେ ସେମାନଙ୍କ ଭୂମିକା ଉପରେ ପ୍ରଶିକ୍ଷଣ ନେଇଥିଲେ। ଅଧ୍ୟାପକ ଓ କର୍ମଚାରୀ ବିରୁପାକ୍ଷ କର, ଶତ୍ରୁଘ୍ନ ପଣ୍ଡା, ମାନସ ମହାନ୍ତି, ଜୟନ୍ତୀ ସ୍ୱାଇଁ, ସନ୍ଦୀପ ମାଝୀ, ଅଭିଲିପ୍ସା ଜେନା, ଲିପ୍‌ସା ଭଦ୍ର, ଅମରେନ୍ଦ୍ର ସାହୁ, ଅମର ମଲ୍ଲିକ, ଦୁର୍ଯ୍ୟୋଧନ ବେହେରା, ଗିରିଧାରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରୋଗ୍ରାମର ସହ-ସଂଯୋଜକ ସାଗର କୁଣ୍ଡୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଖବରଦାତାଙ୍କ ଅକାଳ ବିୟୋଗ

ରାଜକନିକା/ଆଳି, ୩।୪
(ସଞ୍ଜୟ କୁମାର ଦାଶ/ବନମାଳୀ ସେନାପତି)

ରାଜକନିକା ବ୍ଲକର ଦେଉଳତରା ପଞ୍ଚାୟତ ବରିପଡା(ମୁରାଦପୁର) ଗାଁରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ। ଗୁରୁବାର


ସୁବାସ ଚନ୍ଦ୍ର ବାରିକ

ରାତି ପ୍ରାୟ ୩ଟା ୩୫ରେ ରାଜକନିକା ବ୍ଲକ ଓଳାଭରର ଖବରଦାତା ସୁବାସ ଚନ୍ଦ୍ର ବାରିକ(୬୦)ଙ୍କ ଆକସ୍ମିକ ବିୟୋଗ ଘଟିଛି । ଗୁରୁବାର ରାତିରେ ସୁବାସ ଖାଇ ଶୋଇବାକୁ ଯାଉଥିବା ବେଳେ ହୃଦ୍‌ଘାତର ଶୀକାର ହୋଇ ପ୍ରଥମେ ରାଜକନିକା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। କିନ୍ତୁ ରାତିରେ ସେଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇବା ପରେ ଶୁକ୍ରବାର ସକାଳୁ ଜିଲା ସାମ୍ବାଦିକ ଟିମ୍ ହସ୍ପିଟାଲରେ ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ମରଶରୀରକୁ ନିଜ ଗାଁ ବରିପଡା(ମୁରାଦପୁର)କୁ ଆଣିବା ବ୍ୟବସ୍ଥା କରିଥିଲେ। ବାଟରେ ପଟ୍ଟାମୁଣ୍ଡାଇଠାରେ ଖବରଦାତା କୁମରେଶ ନାୟକ, ଅନିଲ ଚୌଧୁରୀ, ଆଳି ଡ଼ାକବଙ୍ଗଳା ଛକ ନିକଟରେ ପ୍ରମୋଦ ମଲ୍ଲିକ, ବନମାଳୀ ସେନାପତି, ନିରଞ୍ଜନ ବେହେରା, ପୂର୍ବତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମଲିକ ଓ କନିକା ପ୍ରେସ କ୍ଲବ ପକ୍ଷରୁ ଏକ ଶୋଭାଯାତ୍ରା ହୋଇଥିଲା। କ୍ଲବ ସଦସ୍ୟ ନଳିନୀକାନ୍ତ ପୁଷ୍ଟି, ସୁକାନ୍ତ ଦାଶ, ପ୍ରବୀଣ ବଳ, ସଞ୍ଜୟ ଦାଶ, ଅଜିତ ବେହୁରିଆ, ଅଜୟ ରାଉତ, ରମେଶ ପରମାଣିକ, ସୁଶାନ୍ତ ନାୟକ, ସରୋଜ ବେହେରା, ନେତାଜୀ କ୍ଲବର ରାଜନାରାୟଣ ଜେନା, ଦେବଜ୍ୟୋତି ଜେନା, ଶୁଭ୍ରଜିତ ବିଶ୍ୱାଳ, ଧର୍ମରକ୍ଷା ସେନା ସିଲୁ ସିଂ, ରଜତ ଦାଶ, ଜଗନ୍ନାଥ ସାମଲ ଓ ଟି. ବର୍ଣ୍ଣିଙ୍କ ନେତୃତ୍ୱରେ ଗାଁ ପରିକ୍ରମ କରିଥିଲା।

### ସରସ୍ୱତୀ ଶିଶୁ ମନ୍ଦିରରେ ସ୍ୱାସ୍ଥ୍ୟ ସେବା ଶିବିର

ଆଳି, ୩।୪(ବନମାଳୀ ସେନାପତି)

ଆଳି ବ୍ଲକ ଚଣ୍ଡିଆଗଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କଳିଙ୍ଗ ଚିକିତ୍ସା ହସ୍ପିଟାଲ ସହାୟତାରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଣବ କୁମାର ଶୁକ୍ଳା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ ଚଣ୍ଡିଆଗଡ଼ି ସରପଞ୍ଚ ସନାତନ ସାହୁ, କଥିତ ବିଦ୍ୟାଳୟ ସମ୍ପାଦକ ଅନାଦି ଚରଣ ଦାସ, ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ସାହୁ, ବିଦ୍ୟାଳୟ ପ୍ରତିଷ୍ଠାତା ପୀତାମ୍ବର ଦାସ, ଖବରଦାତା ପ୍ରଭାତ କୁମାର ଦାସ, ଡାକ୍ତର ବିଶ୍ୱଜିତ୍ ଶର୍ମା, ଡାକ୍ତର ସସ୍ମିତ ମହାନ୍ତି, ଜଷ୍ଟିଲୋ କଳିଙ୍ଗ ଚିକିତ୍ସା ହସ୍ପିଟାଲର ପ୍ରଶାନ୍ତ କୁମାର ନାୟକ ଓ ଆଶିଷ କୁମାର ବାରିକ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ କେନ୍ଦ୍ରାପଡ଼ା ଓ କଟକରୁ ବିଭିନ୍ନ ବିଭାଗର ବହୁ ଅଭିଜ୍ଞସମ୍ପନ୍ନ ଡାକ୍ତର ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନୁଷ୍ଠାନ ପକ୍ଷରୁ ରୋଗୀମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଗୁରୁଜୀ, ଗୁରୁମା, ପରିଚାଳନା ସମିତି କର୍ମକର୍ତ୍ତା, ଆଳି ଖଣ୍ଡ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କର୍ମକର୍ତ୍ତା, ମାଳପାଟଣା ଆରୋଗ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡୋନା ବରାଳ, କଳିଙ୍ଗ ଚିକିତ୍ସା ହସ୍ପିଟାଲର କର୍ମକର୍ତ୍ତାଗଣ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ସ୍ୱାସ୍ଥ୍ୟସେବା ଶିବିର ପରିଚାଳିତ ହୋଇଥିଲା।

# ଠାକୁରଘରେ ପଶିଯିବାରୁ ମାନସିକ ବିକାରଗ୍ରସ୍ତ ଦଳିତ ବୃଦ୍ଧାଙ୍କୁ ଆକ୍ରମଣ

ପଟ୍ଟାମୁଣ୍ଡାଇ,୩।୪ (କଳ୍ପତରୁ ନାୟକ)


ମାନସିକ ବିକାରଗ୍ରସ୍ତ ବୃଦ୍ଧା ।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନ ଖଣତା ଗ୍ରାମର ଜଣେ ଦଳିତ ମାନସିକ ବିକାରଗ୍ରସ୍ତ ବୃଦ୍ଧାଙ୍କୁ ଗୁରୁବାର ଆକ୍ରମଣ ହୋଇଛି । ଗ୍ରାମର ଜଣଙ୍କ ବ୍ୟକ୍ତିଗତ ଠାକୁର ଘରେ ବୃଦ୍ଧାଙ୍କ ପ୍ରବେଶକୁ ବାରଣ କରିବା ସହିତ ତାଙ୍କୁ ଆକ୍ରମଣ କରାଯାଇଥିଲା । ଏନେଇ ବୃଦ୍ଧାଙ୍କ ପୁଅ ପ୍ରଫୁଲ୍ଲ ସେଠୀ ଗୁରୁବାର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଗ୍ରାମାଞ୍ଚଳ ପୋଲିସ ନଂ ୧୮୭/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମହେଶ୍ୱର ଲେଙ୍କାଙ୍କ ପରିବାରର ଜଣକୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ପଚରାଉଚରା କରାଯାଉଥିବା ନେଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର କହିଛନ୍ତି ।

ଅଭିଯୋଗ ଅନୁଯାଇ ଖଣତା ଗ୍ରାମରେ ସତ୍ୟଭାମା ସେଠୀ ଜଣେ ମାନସିକ ବିକାରଗସ୍ତ ବୃଦ୍ଧା। ସେ ଗୁରୁବାର ଦୋକାନକୁ ଯାଇ ଭୁଲରେ ସେହି ଗ୍ରାମର ମହେଶ୍ୱରଙ୍କ ଠାକୁର ଘରେ ପଶି ଯାଇଥିଲେ । ସେ ଜଣେ ଅନୁସୂଚିତ ଜାତିର ମହିଳା ହୋଇଥିବାରୁ ଠାକୁର ଘରକୁ କାହିଁକି ପଶିଆସୁଲୁ ବୋଲି ମହେଶ୍ୱର ଓ ତାଙ୍କ ପରିବାର ଲୋକେ ଉତ୍କ୍ଷିପ୍ତ ହୋଇ ବୃଦ୍ଧାଙ୍କୁ ଆକ୍ରମଣ କରିଥିଲେ । ତାଙ୍କୁ ବହୁ ସମୟ ବାନ୍ଧିରଖି ପରେ ଛାଡି ଦେଇଥିଲେ। ବୃଦ୍ଧାଙ୍କ ଅବସ୍ଥା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଏହା ଜାଣି ପୁଅ ପ୍ରଫୁଲ୍ଲ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧା ମା'ଙ୍କର ଚିକିତ୍ସା କରାଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ମାତ୍ର ଥାନା ଅଧିକାରୀ ଛୁଟିରେ ଥିବାରୁ ପୋଲିସ ଶୁକ୍ରବାର ସୁଦ୍ଧା ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ସମ୍ବିଧାନର ଧାରା ୧୭ ଏବଂ ଏସି/ଏସ୍‌ଟି(ଅତ୍ୟାଚାର ନିବାରଣ) ଆଇନ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର ଧରିଛି। କିନ୍ତୁ ଏତଲାରେ ଦର୍ଶାଯାଇଥିବା ମାନସିକ ବିକାର ଅବସ୍ଥା ଏସ୍‌ସି/ଏସ୍‌ଟି ଆଇନ କାର୍ଯ୍ୟକାରୀତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଓମ୍ ପ୍ରକାଶଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ


ଓମ୍ ପ୍ରକାଶଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

ଡେରାବିଶ, ୩।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଯୁକ୍ତ ୩ ରାଜନୀତି ବିଜ୍ଞାନ ସମ୍ମାନ ପ୍ରଥମ ବର୍ଷ ଛାତ୍ର ଓମ୍ ପ୍ରକାଶ ରଥଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଓମ୍‌ପ୍ରକାଶ ମହିଳା ସଶକ୍ତୀକରଣ ଉପରେ ପ୍ରବନ୍ଧ ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଏପରିକି ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓମ୍ ପ୍ରକାଶଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ପ୍ରବନ୍ଧ ମହିଳା ସଶକ୍ତୀକରଣ ପାଇଁ ବିଶେଷ ଭୂମିକା ଗ୍ରହଣ କରିପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ଓମ୍ ପ୍ରକାଶଙ୍କୁ ସମ୍ବର୍ଦ୍ଧିତ କରି ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଶୋଭନ ଆଚାର୍ଯ୍ୟ ଓ ଓମ୍ ପ୍ରକାଶଙ୍କ ମାଆ ନିରୁପମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କୈବର୍ତ୍ତ ସମ୍ପ୍ରଦାୟର ଚଇତି ପର୍ବରେ ବାସୁଳେଇ ପୂଜା


ବେଡାରୀ ମଣ୍ଡପରେ ମା' ବାସୁଳେଇ ଘୋଡ଼ା ପୂଜା ପାଉଛନ୍ତି ।

ପାଟକୁରା, ୩।୪ (ରବୀନ୍ଦ୍ର ନାଥ ବାରିକ)

**ଗରଦପୁର ବ୍ଲକ**

ଗରଦପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା କୈବର୍ତ୍ତ ସମ୍ପ୍ରଦାୟ ତାଙ୍କର ଚଇତି ପର୍ବକୁ ବଞ୍ଚାଇ ରଖିଛନ୍ତି। ପ୍ରତ୍ୟୋକ ବର୍ଷ ଚୈତ୍ରମାସ ପୂର୍ଣ୍ଣମାରେ ଏହି ପର୍ବ ପାଳନ କରାଯାଏ। ଗୁରବାର ଚୈତ୍ର ପୂର୍ଣ୍ଣମାରେ ଗରଦପୁର ବ୍ଲକ ବେଡାରୀ ଗ୍ରାମରେ ଥିବା ୩୫ କୈବର୍ତ୍ତ ପରିବାର ଚଇତି ପର୍ବ ଆରମ୍ଭ କରିଛନ୍ତି। ଘରର ସମସ୍ତ ମହିଳାମାନେ ସକାଳେ ଲିପାପୋଛା କରି ଚିତା ପକାଇ ମୁଖ୍ୟ ଦ୍ୱାରରେ କଳସ ବସାଇଥିଲେ। ସେମାନଙ୍କ କୌଳିକ ବୃତ୍ତିରେ ବ୍ୟବହାର ହେଉଥିବା ଚୁଡା ଭଜା ପିଞ୍ଛ, ପାଇଲି, ଗଉଣି,ମାଣ, ମାଛ ଓଜନ ପାଇଁ ଥିବା ନିକିତି, ବଟକରା, ଜାଲ ଓ ଖାଳେଇ ଆଦିକୁ ଗୋଟିଏ ବାଉଁଶ ତିଆରି ଝୋଲରେ ପୁରାଇ ଘର ମଧରେ ପକା ଯାଇଥିବା ଚିତା ଉପରେ ରଖିଥିଲେ। ତା' ଉପରେ ଛିଟ କପଡା ପକାଇ, ଫୁଲ ଚନ୍ଦନ ଲାଗିକରି , ଝୁଣା ଧୂପ,ଦୀପ ଦେଇ ମା'ବାସୁଳେଇଙ୍କ ପୂଜାକରି ପ୍ରସାଦ ଲାଗି କରିଥିଲେ। ଘରେ ପ୍ରସ୍ତୁତ ହୋଇଥିବା ମଧାହ୍ନ ଭୋଜନ, ବିଭିନ୍ନ ପିଠା ମଧ ମା' ବାସୁଳେଇଙ୍କଠାରେ ଲାଗି କରିଥିଲେ। ଏହା ବ୍ୟତୀତ ମା' ବାସୁଳେଇଙ୍କଠାରେ ପୋଡା ବଳି ମଧ ଲାଗି କରାଯାଇଥିଲା। ରାତିରେ ମଧ ଝୁଣା ଧୂପ, ଦୀପ ଲଗାଇ ପ୍ରସାଦ ଲାଗି କରିଥିଲେ। ପୂର୍ଣ୍ଣମା ଦିନ ଘରେ ଘରେ ପିଠା ପଣା, ବିଭିନ୍ନ ଖାଦ୍ୟ ପଦାର୍ଥର ଆୟୋଜନ କରାଯାଇଥିଲା। ଘରେ ସମସ୍ତ ସଦସ୍ୟ ନୂତନ ବସ୍ତ୍ର ପିନ୍ଧିଥିଲେ। ଆଖ ପାଖ ପଡୋଶୀମାନଙ୍କୁ ଘରକୁ ଡକାଇ ଖାଦ୍ୟ ପେୟରେ ଅପାୟିତ କରାଇଥିଲେ। ସନ୍ଧ୍ୟାରେ ସେମାନଙ୍କ ଆରାଧ ମା' ବାସୁଳେଇଙ୍କ ଘୋଡା ମୂର୍ତ୍ତୀକୁ ଗ୍ରାମ ଠାକୁରାଣୀ ମଣ୍ଡପରେ ସ୍ଥାପନ କରି ନୂତନ ବସ୍ତ୍ର ପରିଧାନ ସହ ବିଭିନ୍ନ ଫୁଲରେ ସଜିତ କରାଇ କଳସ ସ୍ଥାପନ କରି ପ୍ରସାଦ ଲାଗି କରିଥିଲେ। ମହିଳାମାନେ ଘୋଡାମାନଙ୍କୁ ବନ୍ଦାପନା କରିଥିଲେ। ଏହି ଚଇତି ପର୍ବ ୫ ଦିନ ପାଇଁ ଚାଲିବ। ଦୈନିକ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ଘୋଡାନାଚ ପରିବେଷଣ କାର୍ଯ୍ୟକ୍ରମ ରହିଛି। ଗ୍ରାମର ରବୀନ୍ଦ୍ର ବେହେରା,ସଞ୍ଜୟ ବେହେରା,ଦୁର୍ଯ୍ୟୋଧନ ବେହେରା, ନୃସିଂହ ବେହେରା, ବେଣୁଧର ବେହେରା, ଦୁଷ୍ମନ୍ତ ବେହେରଙ୍କ ସମେତ ସମସ୍ତ ମୁରବୀମାନେ ଘୋଡା ମେଳଣ ପରିଚାଳନା ଦାଇତ୍ୱରେ ଅଛନ୍ତି। ସେହିପରି ଗରଦପୁର ବ୍ଲକ କଳାବୁଦା, ବେହୁଳ, ମହାମୁଦା ଓ ପାଟକୁରା ପ୍ରଭୃତି ଗ୍ରାମଗୁଡିକରେ ଚଇତି ପର୍ବ ପାଳିତ ହେଉଛି।

# ପୁନର୍ବାସ ପକ୍ଷରୁ ବିଶ୍ୱ ଅର୍ଟିଜମ୍ ସଚେତନତା ଦିବସ

କେନ୍ଦ୍ରାପଡ଼ା,୩।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଅଟିଜିମ୍ (ସ୍ୱପରାୟଣତା) ଦିବସ ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପାଳନ କରାଯାଇଛି। ମୁଖ୍ୟ ଉପଦେଷ୍ଟା କଥାକାର ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ. ଏଲୋରା କବି, ଡ. ଆଶୁତୋଷ ରାଉତ, ଡ. ଝରଣା ସାହୁ, ଆକ୍ୟୁପେଶନାଲ୍ ଥେରାପିଷ୍ଟ ଗୁଞ୍ଜନ ସ୍ମିତା ବେହେରା, ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ, ସ୍ୱପରାୟଣତାର ଅଭାବ ସାମାଜିକ ସୁରକ୍ଷା ପ୍ରତି ବିପଦ । ତେବେ ଉପଯୁକ୍ତ ଥେରାପି ଚିକିତ୍ସା, ପିତାମାତା ବା ଅବିଭାବକଙ୍କ ସହ ଭାବ ବିନିମୟ, ଉପଯୁକ୍ତ ପାରିପାର୍ଶ୍ୱିକ ସ୍ଥିତି ଅଟିଜିମ କ୍ଷେତ୍ରରେ ସୁଧାର ଆଣିବ । ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ଏହାକୁ ଏକ ଜଟିଳ ବିକାଶଜନିତ ସମସ୍ୟା ବୋଲି ଜାଣିବାକୁ ପଡିବ । ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ଓ ଧୈର୍ଯ୍ୟ ସହକାରେ ଅପେକ୍ଷା କରି କାର୍ଯ୍ୟ କରିବାକୁ ଏହି ଅବସରରେ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀମାନେ ଏଥିରେ ଭାଗନେଇ ନିଜର ମତ ରଖିଥିଲେ । ଏହି ଆଲୋଚନା ଚକ୍ରରେ ପୁର୍ନବାସ କର୍ମକର୍ତ୍ତା ବଂଶୀଧର ମହାନ୍ତି, ସଞ୍ଜୀବ ଜେନା, ପର୍ଶୁରାମ ତ୍ରିପାଠୀ, ଧରଣୀଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱ ଗଣନାରେ ସାମିଲ ପାଇଁ ଜିଲାପାଳଙ୍କ ଆହ୍ୱାନ

କେନ୍ଦ୍ରାପଡ଼ା, ୩।୪ (ଜଗନ୍ନାଥ ଧଳ)

ଜନଗଣନାର ପ୍ରଥମ ପର୍ଯ୍ୟାୟ ଅପ୍ରେଲ ୧ ତାରିଖ ଠାରୁ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଗଣନାରେ ସାମିଲ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଆହ୍ୱାନ ଦିଆଯାଇଛି। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏ ସମ୍ପର୍କରେ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଜିଲାପାଳ ରଘୁରାମ ଆର ଆୟାର ଯୋଗଦେଇ ସ୍ୱଗଣନାରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଜିଲାପାଳ ଆୟାର ଏଠାରେ କହିଥିଲେ ଯେ, ଦୁଇଟି ପର୍ଯ୍ୟାୟରେ ଏହି ଜନଗଣନା ହେବ। ଏଥିପାଇଁ ଜନଗଣନାକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ନିଜର ଡିଜିଟାଲ ଡିଭାଇସ ମାଧ୍ୟମରେ ସ୍ୱଗଣନାରେ ନିଜକୁ ସାମିଲ କରିପାରିବେ। ଏଥିରେ ପରିବାର ମୁଖ୍ୟଙ୍କ ନାମ ଓ ମୋବାଇଲ ସାମିଲ କରାଯାଉଛି। ଏଥିସହ ପରିବାରର ସଦସ୍ୟଙ୍କ ସଂଖ୍ୟା, ଘର, ସଦସ୍ୟଙ୍କ ଚଳଣି ସମ୍ପର୍କରେ ସାଧାରଣ ପ୍ରଶ୍ନ ରହିଛି। ଏହି ପ୍ରଶ୍ନର ଉତର ଅତି ସରଳ । ଏହି ସୂଚନା ଡିଜିଟାଲ ମାଧ୍ୟମରେ ପ୍ରଦାନ କରାଯାଇ ପାରିଲେ, ଜନଗଣନାକାରୀଙ୍କୁ କମ ସମୟ ମଧ୍ୟରେ ସମସ୍ତ ତଥ୍ୟ ମିଳିପାରିବ। ସ୍ୱଗଣନା ପରେ ମିଳିଥିବା ନମ୍ବର ଦେଖାଇଲେ ଜନଗଣନାକାରୀ ଡିଜିଟାଲି ଆକ୍ସେସ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନାକାରୀମାନେ ଘରକୁ ଯାଇ ତଥ୍ୟ ସଂଗ୍ରହ କରିବେ । ଏହି ପର୍ଯ୍ୟାୟ ଆସନ୍ତା ୧୬ ତାରିଖଠାରୁ ଆରମ୍ଭ ହେବ । ତେବେ ସ୍ୱଗଣନା ପର୍ଯ୍ୟାୟ ଆରମ୍ଭ ହୋଇଥିବାରୁ ଏଥିରେ ସାମିଲ କରାଇ ନେବାକୁ ଜିଲାପାଳ ଆୟାର ମତ ରଖିଥିଲେ। ଏହି ସମ୍ମିଳନୀରେ ଜିଲା ପ୍ରଶାସନର ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଡେପୁଟି ଜିଲା ଜନଗଣନାକାରୀ ସରୋଜ କୁମାର ବେହେରା, ଅତିରିକ୍ତ ଜିଲା ଜନଗଣନା ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିୟାରସିଂହ ସାମିଲ ହୋଇଥିଲେ।

# ପଥରପଡ଼ାରେ ଚବିଶ ପ୍ରହର ନାମଯଜ୍ଞ



ବାନାମ୍ବର ମହାପୁରୁଷ ।

ଡେରାବିଶ, ୩।୪(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଥରପଡ଼ା ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ସିଦ୍ଧ ବାନାମ୍ବର ମହାପୁରୁଷଙ୍କ ପୀଠସ୍ଥଳୀରେ ୯୪ତମ ବାର୍ଷିକ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ନାମଯଜ୍ଞର ଶୁଭାଧିବାସ କାର୍ଯ୍ୟକ୍ରମ ହୋଇଥିବା ବେଳେ ସୋମବାର,ମଙ୍ଗଳବାର ଓ ବୁଧବାର ୩ ଦିନ ବ୍ୟାପୀ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଗୁରୁବାର ନଗର ଭ୍ରମଣ ସହିତ ନାମଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ପଥରପଡା ଗ୍ରାମବାସୀ ପରିଚାଳନା କରିଥିଲେ। ବିଭିନ୍ନ ଦିବସରେ ନିକଟସ୍ଥ ପନାପଡା, ଗୌଡ଼ବିଶି, ଓରଗଳା, କୋହ୍ଲା, ନରଣପଡା, ଭରତପଡା ଓ ପଲେଇ ପଞ୍ଚାୟତରୁ ବହୁ ଜନସାଧାରଣ ଏହି ନାମଯଜ୍ଞ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାଜନୈତିକ ଦଳର ନେତୃବୃନ୍ଦ ମଧ ନାମଯଜ୍ଞ ସ୍ଥଳରେ ଉପସ୍ଥିତ ରହି ବାନାମ୍ବର ମହାପୁରୁଷଙ୍କ ଆଶୀର୍ବାଦ କାମନା କରିଥିଲେ।

# କୁଶିଆପାଳରେ ବିଶ୍ୱଶାନ୍ତି ମହାଯଜ୍ଞ, ନାମଯଜ୍ଞ ଉଦ୍‌ଯାପିତ

ଡେରାବିଶ,୩।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ କୁଶିଆପାଳ ଗ୍ରାମସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ପୀଠରେ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମଯଜ୍ଞ ଶୁକ୍ରବାର ଶେଷ ହୋଇଛି । ଏହି ଅବସରରେ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ମହାଯଜ୍ଞ ସୋମବାର ଶେଷ ହୋଇଥିବା ବେଳେ ବୁଧବାର ମା'ଙ୍କ ପୀଠରେ ଆରମ୍ଭ ହୋଇଥିବା ନାମଯଜ୍ଞ ଶୁକ୍ରବାର ଶେଷ ହୋଇଛି । ଯଜ୍ଞ କର୍ତ୍ତା ଭାବେ ଦୀପକ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ମନ୍ଦିର କମିଟି ପକ୍ଷରୁ ଗ୍ରାମ୍ୟ କମିଟିର ସଭାପତି ମନୋଜ ପ୍ରଧାନ, ସମ୍ପାଦକ ଫଗୁ ଚରଣ ସାହୁ, ସରଳ ରେଖା ସାହୁ, ଭରତ ସ୍ୱାଇଁ, ଦିଲୀପ କୁମାର ସାହୁ, ଭର୍ତ୍ତୃହରି ସ୍ୱାଇଁ, ଭାଗ୍ୟଧର କୁଣ୍ଡୁ, କୈଳାସ ସାହୁ, ବଂଶୀଧର ସାହୁ ଓ ବାବାଜୀ ସାହୁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# କୁସୁନୁପୁରରେ ଅଷ୍ଟପ୍ରହର ନାମଯଜ୍ଞ

ଡେରାବିଶ,୩।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ କୁସୁନୁପୁର ସ୍ଥିତ ମା' ବୁଢ଼ୀଜାଗୁଲାଇ ପୀଠରେ ଗତ ବୁଧବାରଠାରୁ ଆମ୍ଭ ହୋଇଥିବା ଅଷ୍ଟମ ପ୍ରହର ବ୍ୟାପୀ ନାମଯଜ୍ଞ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ମା'ଙ୍କ ପୀଠରେ ବୁଧବାର ଶୁଭାଧିବେଶ ହୋଇଥିବା ବେଳେ ଗୁରୁବାର ପ୍ରାତଃରୁ ଅଷ୍ଟମ ପ୍ରହର ବ୍ୟାପୀ ନାମଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଥିଲା।

# ଜଗତ୍‌ସିଂହପୁରରେ ଖୋଲିଲା ନିସ୍ ଇଣ୍ଟରନ୍ୟାଶନାଲ ସ୍କୁଲ



ଜଗତ୍‌ସିଂହପୁର, ୩।୪
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଗାନ୍ଧୀ ଛକ ନିକଟରେ ନିସ୍ ଗ୍ରୁପ ପକ୍ଷରୁ ନିସ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନଟି ଜିଲାବାସୀଙ୍କ ଆବଶ୍ୟକତା ପୂରଣ କ୍ଷେତ୍ରରେ ସହାୟକ ହେବା ସହ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶର ମାର୍ଗ ପ୍ରଶସ୍ତ କରିବ ବୋଲି କହିଥିଲେ। ଉତ୍ସବରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ନିସ୍ ପରିଚାଳନା ଟ୍ରଷ୍ଟି ଡ. ସ୍ମୃତି ସୁଧା ନାୟକ, ଅଧ୍ୟକ୍ଷ ଶିକ୍ଷାବିତ ଡ. ସୁଭାଷ ଚନ୍ଦ୍ର ନାୟକ, ସମ୍ପାଦକ ରାଜେନ୍ଦ୍ର କୁମାର ଲେଙ୍କା ଓ ଉପଦେଷ୍ଟା ପ୍ରଫେସର ବନମାଳୀ ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟଟି ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଶିକ୍ଷାଦାନ କ୍ଷେତ୍ରରେ ଆଦୃତି ଲାଭ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଜଗତ୍‌ସିଂହପୁର ନିସ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷ ପ୍ରଦୀପ୍ତ କୁମାର ନାଥ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ, ସୌରଭ ସ୍ୱାଇଁ ଓ ସବିତା ତ୍ରିପାଠୀଙ୍କ ସମ୍ପାଦନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସହାୟତା କରିଥିଲେ।

# କେନାଲରୁ ନାବାଳିକାଙ୍କ ମୃତଦେହ ଜବତ

ରାଜନଗର, ୩।୪(ଭାସ୍କର ରାଉତରାୟ)

**ହତ୍ୟା ସନ୍ଦେହରେ ୨ ଅଟକ**
- ପଡ଼ୋଶୀ ଘରକୁ ଗଲା ସନ୍ଧାନୀ କୁକୁର
- ଘଟଣାସ୍ଥଳରେ ଏସ୍‌ପିଙ୍କ ତଦନ୍ତ


ମୃତ ଶୁଭଲକ୍ଷ୍ମୀ

ନିଖୋଜ ଥିବା ଶୁଭଲକ୍ଷ୍ମୀଙ୍କ ମୃତଦେହ ଶୁକ୍ରବାର କେନାଲରୁ ମିଳିଛି। ଗାଁ ନିକଟ କେନାଲରେ ଖୋଜାଖୋଜି ପୂର୍ବରୁ ମୃତଦେହ ଭାସି ଆସିଥିବା ଦେଖିବାକୁ ମିଳିଥିଲା। ତଦନ୍ତ ସମୟରେ ପଡ଼ୋଶୀ ଘରକୁ ସନ୍ଧାନୀ କୁକୁର ବାରମ୍ବାର ଯାଇଥିଲା। ପୋଲିସ ପଡ଼ୋଶୀ ଘରର ବାପ, ପୁଅଙ୍କୁ ଉଠାଇଆଣି ପଚରାଉଚରା କରୁଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ୍ ଟମ୍ ପହଞ୍ଚି ତଦନ୍ତ କରିଛି। ପରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ସନ୍ଧାନୀ କୁକୁର ପଡ଼ୋଶୀ ବେଣୁ ଦାସଙ୍କ ଘର, ରୋଷେଇ ଘରକୁ ଯିବା ପରେ ଘର ଦେଇ ପଛପଟେ ଥିବା କେନାଲ ନିକଟକୁ ଯାଇ ଶୋଇ ରହିଥିଲା। କୁକୁର ବାରମ୍ବାର ବେଣୁଙ୍କ ଘରକୁ ଯାଇଥିବାରୁ ଓ ପରିବାର ଲୋକେ ବେଣୁଙ୍କ ନାଁରେ ପୋଲିସ ନିକଟରେ ଗୁରୁବାର ଅଭିଯୋଗ କରିଥିବାରୁ ବେଣୁ ଓ ତାଙ୍କ ପୁଅଙ୍କୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି ।

ସୂଚନାଯୋଗ୍ୟ, ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବଡକୋଲ୍ଲା ଗାଁରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ୭ ବର୍ଷୀୟା ନାବାଳିକା ଶୁଭଲକ୍ଷ୍ମୀ ସେନାପତି ନିଖୋଜ ହୋଇଯାଇଥିଲେ। ତାଙ୍କ ଘର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମାଳିପୁର ଗାଁରେ। ମାଳିପୁର ଗାଁର ମାନଗୋବିନ୍ଦ ସେନାପତିଙ୍କ ଝିଅ ତାଙ୍କ ମା' ସହିତ ବର୍ଷେ ହେଲା ମାମୁ ଘରେ ରହୁଥିଲେ। ବଡକୋଲ୍ଲା ଗାଁରେ ଚାଲିଥିବା କୀର୍ତ୍ତନ ନିକଟରେ ଅନ୍ୟ ପିଲାଙ୍କ ସହ ଖେଳୁଥିଲେ। କିନ୍ତୁ ପରେ ନିଖୋଜ ହୋଇଯାଇଥିଲେ। ପରିବାର ଓ ଅନ୍ୟମାନେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ପରେ ପୋଲିସ, ଅଗ୍ନିଶମବାହିନୀ ଖୋଜାଖୋଜି କରିଥିଲେ ମଧ ଶୁଭଲକ୍ଷ୍ମୀଙ୍କୁ ପାଇନଥିଲେ। ୫ ମାସ ତଳେ ପଡ଼ୋଶୀ ବେଣୁ ଦାସ ନାତିଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଥିଲା। ମୋ ନାତି ତମ ନାତୁଣୀ ପାଇଁ ମରିଛି, ତମ ନାତୁଣୀକୁ ୬ ମାସ ଭିତରେ ମାରିବି ବୋଲି ବେଣୁ ବାରମ୍ବାର ଧମକ ଦେଇ ଆସୁଥିବା ନେଇ ପରିବାର ଲୋକେ ଗୁରୁବାର ପୋଲିସକୁ କହିଥିଲେ। ଶୁକ୍ରବାର ପଟ୍ଟାମୁଣ୍ଡାଇ, ରାଜନଗର ଅଗ୍ନିଶମ ବାହିନୀ ଓ ଏସ୍‌ଡିପିଓ ସୁକାନ୍ତ କୁମାର ପାତ୍ର, ଆଇଆଇସି ନରେଶ କୁମାର ସାହୁ ପୋଲିସ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ହଠାତ କେନାଲରେ କଲଭର୍ଟ ତଳୁ ଶୁଭଲକ୍ଷ୍ମୀଙ୍କ ମୃତଦେହ ଭାସି ଆସିଥିଲା। ଅଗ୍ନିଶମବାହିନୀ କର୍ମଚାରୀ କେନାଲ ମଧ୍ୟକୁ ଯାଇ ମୃତଦେହ ଜବତ କରିଥିଲେ। ଶୁଭଲକ୍ଷ୍ମୀଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ସଂକ୍ଷେପରେ

### ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର

ଗଞ୍ଜାମ,୩।୪(ଅନାଥ ତରାଇ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ସୂର୍ଯ୍ୟନାରାୟଣପୁର ଓଡ଼ିଆରପି କଲୋନୀରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମରଟି ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ଘରଠାରୁ ମାତ୍ର କିଛିମିଟର ଦୂରରେ ରହିଥିବାରୁ ସେ ନିଜ ଘର ମରାମତି କାମ କରିବା ପାଇଁ ଅଜଣା ଭୟ ମଧ୍ୟରେ ରହୁଛନ୍ତି। ସାମାନ୍ୟ ଅସାବଧାନତା ହେଲେ ବଡ଼ ଧରଣର ଅଘଟଣକୁ ଏଡାଇ ଦିଆଯାଇ ନ ପାରେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନାହାନ୍ତି ବୋଲି ସୁଦର୍ଶନ କ୍ଷୋଭର ସହ କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଟ୍ରାନ୍ସଫର୍ମର ଚାରିପଟେ ତୁରନ୍ତ ଏକ ଗାର୍ଡ ୱାଲ ନିର୍ମାଣ କରିବା ସହ ଏହାକୁ ସୁରକ୍ଷିତ କରିବାକୁ ସେ ସ୍ଥାନୀୟ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ କୁ ଟେଲିଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ସେ ଫୋନ ଉଠାଇନଥିଲେ ।



ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ଜୀଉ ମନ୍ଦିରରେ ରଘୁନାଥଙ୍କ ଚିତ୍ରକୁଟ ବେଶ।(ଫଟୋ- ଲୋକନାଥ ମିଶ୍ର।

# ଚଇତି ପର୍ବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ
## ଗ୍ରାମ ପରିକ୍ରମା କଲା ଚଇତିଘୋଡା

ଖଣ୍ଡପଡା,୩।୪
(ଅଜୟ କୁମାର ମହାରଣା)

ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ ପକ୍ଷରୁ କଣ୍ଟିଲୋ ଫକୀର ଅତବୁଦ୍ଧିପାଟଣା ଗ୍ରାମର ମା' ସିଦ୍ଧବାଶେଳୀଙ୍କର ଚଇତିପର୍ବ ଅବସରରେ ଶ୍ରୀ ବରୁଣଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ଭଗବତ ଭଜନଧର ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଶୁକ୍ରବାର ସନ୍ଧ୍ୟାରେ ଭାରତଲୀଳା ନାଟକ ପରିବେଷଣ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଦର୍ଶକ ସମାଗମ ହୋଇଥିଲେ। ଆଜିର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ବରୁଣେଇଙ୍କ ମନ୍ଦିରରୁ ଅଶ୍ୱମସ୍ତକ ଖଚିତ ପୂର୍ଣ୍ଣାଙ୍ଗ ଅଶ୍ୱ ମାଧ୍ୟମରେ ଚାଳକଙ୍କ ଦ୍ୱାରା ଢୋଲବାଦ୍ୟର ତାଳେ ତାଳେ ନାଚି ନାଚି ଠାକୁରାଣୀଙ୍କ ସିଲ ଥିବା ହାଟମୁଣ୍ଡପାଟଣା ସ୍ଥିତ ବସନ୍ତ କୁମାର ସାହୁ ଏବଂ ସ୍ୱର୍ଗତ ଗୋକୁଳ ମହାରଣାଙ୍କ ପରିବାର ପକ୍ଷରୁ ନିମନ୍ତ୍ରଣ ହୋଇ ଗୃହକୁ ବିଜେ ହୋଇ ପୂଜାର୍ଚ୍ଚନା ପରେ ପ୍ରତ୍ୟାବର୍ତ୍ତନ କରିଥିଲେ। କୈବର୍ତ୍ତ ସମାଜ ୬୦ ଘର, ୧୦୦ଘରର ସଭାପତି ଯଥାକ୍ରମେ ପ୍ରମୋଦ କୁମାର ଦଳେଇ, ବିଦେଶୀ ମହାରଣା,ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ଓ ଯୁବ ପରିଷଦ ସଭାପତି ସରୋଜ କୁମାର ସାହୁଙ୍କ ସକ୍ରିୟ ସହଯୋଗ ଏହି ପାରମ୍ପରିକ ପର୍ବ ସୁଚାର ରୁପେ ସମ୍ପାଦନ ହୋଇଥିବା ଜଣାଯାଇଛି।



# ବସନ୍ତ କବିତା ଆସର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଓଡ଼ଗାଁ,୩।୪(ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ ମକରପଦାସ୍ଥିତ ଶ୍ରୀ ପଲିଟେକନିକ୍‌ଠାରେ ଶୁକ୍ରବାର ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସମାଜିକକର୍ମୀ ତଥା ଖେଳାଳି ଦିବାକର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆସରରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଶ୍ରୀ ପଲିଟେକନିକ ଚେୟାରମ୍ୟାନ ଡ. ଶ୍ରୀନିବାସ ସୁବୁଦ୍ଧି, ପ୍ରକୃତିବନ୍ଧୁ ପ୍ରଫୁଲ୍ଲ ମାଝୀ, ପଞ୍ଚାନନ ପଣ୍ଡା, ଅଧ୍ୟକ୍ଷ ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ଗାଁ ଅଞ୍ଚଳର କବି, କବୟିତ୍ରୀ ଏବଂ ଅନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଇଂରେଜ ଅମଳରେ ଯେପରି କବିମାନେ କବିତା ମାଧ୍ୟମରେ ସେମାନଙ୍କ ବିରୋଧରେ ଆମ ଦେଶବାସୀଙ୍କୁ ଜାଗ୍ରତ କରାଇଦେଇଥିଲେ। ସେହିପରି ଆଜି ସମୟ ଆସିଛି କବିତା ମାଧ୍ୟମରେ ଆମେ ଜନସାଧାରଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସଚେତନ କରାଇ ଦେଇପାରିବା। ଆମ ଗାଁ,ଜିଲା ଓ ରାଜ୍ୟ ଓ ଦେଶର ନାମ ଆଗକୁ ନେବା ପାଇଁ ଆଜିର ଛାତ୍ରସମାଜ ନାଉରୀ ସାଜିବାର ଆବଶ୍ୟକତା ରହିଛି। ଆଜିଠାରୁ ସମସ୍ତେ ବହି ପଢ଼ିବା ଅଭ୍ୟାସ ଜାରି ରଖିବା ସହିତ କବିତା, ଗଳ୍ପ ଲେଖା ଅଭ୍ୟାସ ଆରମ୍ଭ କରିବା ପାଇଁ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପରେ ଜ୍ୟୋତିରାଣୀ ବାରିକ ଓ ବର୍ଷାରାଣୀ ସାହୁଙ୍କ ସଂଯୋଜନାରେ କବିତାପାଠ ହୋଇଥିଲା। ସମସ୍ତ ଅତିଥି ଏବଂ କବିମାନଙ୍କୁ ମାନପତ୍ର,ପୁଷ୍ପ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଷା ଜ୍ଞାନ ବଢ଼ିଲେ ଶୃଙ୍ଖଳା ଜ୍ଞାନ ବଢ଼ିବ। ପରବର୍ତ୍ତୀ ସମୟରେ ଜ୍ଞାନମଣ୍ଡଳ ଗଠନ ସହିତ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ କରିବା ପାଇଁ ସୁବୁଦ୍ଧି ସୂଚନା ଦେଇଥିଲେ। ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶରତ ଚନ୍ଦ୍ର ଷଡ଼ଙ୍ଗୀ,ମନୋଜ କୁମାର ନାୟକ,ରାଜୀବ ଲୋଚନ ବରାଡ଼,ପ୍ରିୟଦର୍ଶିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରମାନନ୍ଦ ସ୍ୱାଇଁ, ରମାକାନ୍ତ ପ୍ରଧାନ,ସତ୍ୟବାଦୀ ସାହୁ,ପ୍ରଦୀପ୍ତ ନାୟକ,ବବିତାରାଣୀ ମହାପାତ୍ର ସହଯୋଗ କରିଥିଲେ। ଶ୍ରୀ ପଲିଟେକନିକର ଜନସମ୍ପର୍କ ଅଧିକାରୀ ଗୋଲକ ବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସାମ୍ବାଦିକ ସଂଘର ସମ୍ବର୍ଦ୍ଧନା

ଖଣ୍ଡପଡା, ୩।୪
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ନୂତନ କରି ଦାୟିତ୍ୱ ଗ୍ରହଣ କରିବା ପରେ ଆଞ୍ଚଳିକ ସାମ୍ବାଦିକ ସଂଘ ଖଣ୍ଡପଡ଼ା ପକ୍ଷରୁ ସ୍ୱାଇଁଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନ ସଭାପତି ବିନାୟକ ମିଶ୍ରଙ୍କ ସଭାପତିତ୍ୱରେ ସଂଘ କାର୍ଯ୍ୟାଳୟ ପରିସରରେ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ମଦନମୋହନ ପ୍ରଧାନ, ବିଡିଓ ଅଙ୍କୁର ଅଭିଳାଷ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ,ଖଣ୍ଡପଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଖଣ୍ଡପଡ଼ା ଥାନାଧିକାରୀ କୃତ୍ତିବାସ ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ସାମ୍ବାଦିକ ସଂଘ ସଦସ୍ୟ ରାମେଶ୍ୱର ଶତପଥି ସାମ୍ବାଦିକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘ ସମ୍ପାଦକ ଭବାନୀଶଙ୍କର ସିଂହସାମନ୍ତ ସମ୍ୟକ ସୂଚନା ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ସାମ୍ବାଦିକ ସଂଘ ପକ୍ଷରୁ ବିଧାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ବଜ୍ରପାତରେ ୪ ଗୋରୁ ମୃତ

ମୋହନା, ୩।୪( ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକରେ ଶୁକ୍ରବାର କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ବର୍ଷା ହେବା ସହ ବଜ୍ରପାତ ହୋଇଛି। ବଜ୍ରାପାତରେ ୪ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଗୋରୁଗୁଡିକ ମଧ୍ୟରେ ମେରାପଲ୍ଲୀ ପଞ୍ଚାୟତ ବନ୍ଧାଗୁଡା ଗାଁର କେଶବ ମଳିକଙ୍କ ଦୁଇଟି ଗୋରୁ ଥିବା ବେଳେ ଭଗବାନ ମଳିକ ଓ ଶୁଶାନ୍ତ ମଳିକଙ୍କ ଗୋଟିଏ ଲେଖାଏ ଗୋରୁ ବଜ୍ରପାତରେ ମୃତ୍ୟୁ ହୋଇଛି।

# ଛାତ୍ରୀମାନଙ୍କ ଶିକ୍ଷାଭିତ୍ତିକ ଭ୍ରମଣ



ଭ୍ରମଣରେ ଯାଇଥିବା ଛାତ୍ରୀମାନେ।

ଖଣ୍ଡପଡା,୩।୪
(ଅଜୟ କୁମାର ମହାରଣା)

ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପିଏମ୍ ଶ୍ରୀ ବିଦ୍ୟାଳୟ ପର୍ଯ୍ୟାୟରେ ସାମିଲ ହେବା ପରେ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୬ଷ୍ଠରୁ ୮ମ ଶ୍ରେଣୀର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀମାନଙ୍କୁ ନେଇ ଏକ ଶିକ୍ଷାଭିତ୍ତିକ ଭ୍ରମଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଭୁବନେଶ୍ୱର ସ୍ଥିତ ରାଜ୍ୟ ସଂଗ୍ରହାଳୟ ଓ ବିଜ୍ଞାନ ପାର୍କି ଆଦି ପରିଭ୍ରମଣ କରି ଜ୍ଞାନ ଆହରଣ କରିଥିଲେ। ଭ୍ରମଣ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ସରିତା ମହାରଣା, ମନସ୍ୱିନୀ ସ୍ୱାଇଁ, ନିବେଦିତା ସାହୁ, ସହକାରୀ ଶିକ୍ଷକ ହୃଦାନନ୍ଦ ପ୍ରଧାନ, ନୀହାର ରଞ୍ଜନ ମିଶ୍ର, ରାଜୀବ ଲୋଚନ ନାୟକ, ବାସୁଦେବ ପରିଡା ଓ ଦୀପ୍ତି ରଞ୍ଜନ ଶିରୋମଣି ପ୍ରମୁଖ ସାମିଲ ହୋଇଥିଲେ।

### ବିଞ୍ଚଣାରେ ପଞ୍ଚଶମ୍ଭୁ ମହାମିଳନ

ବେଲଗୁଣ୍ଠା,୩।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ବିଞ୍ଚଣା ଗ୍ରାମରେ ଶୁକ୍ରବାର ପଞ୍ଚଶମ୍ଭୁ ଏବଂ ପଞ୍ଚ କାଳୀଙ୍କ ମହାମିଳନ ଅନୁଷ୍ଠିତ ହୋଇଛି। ଏଥିରେ ଗୋବରା, ଡେଙ୍ଗାପଦର, ବେଲଗୁଣ୍ଠା-୧, ବେଲଗୁଣ୍ଠା-୨ ଏବଂ ଗାମୁଣ୍ଡି ଗ୍ରାମର ଦଣ୍ଡଦଳ ଅଂଶଗ୍ରହଣ କରିଥିଲେ। ପୂର୍ବପ୍ରସ୍ତୁତି ଅନୁସାରେ ସକାଳେ ସଂକୀର୍ତ୍ତନ ମଣ୍ଡଳୀ, ଯାତ୍ରା କମିଟି ଏବଂ ଗ୍ରାମର ଗ୍ରାମବାସୀ ସମସ୍ତ ୫ଟି ଦଣ୍ଡ ଦଳକୁ ଫୁଲଚନ୍ଦନ ଦେଇ ବରଣ କରିଥିଲେ। ଦଣ୍ଡଦଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମ ସ୍ଥଳରେ ଠାକୁରଙ୍କର ସକାଳ ନୀତିକାନ୍ତି ଶେଷ କରିବା ପରେ ବିଷୋୟୀ ସାହି, ଧୋବା ସାହି, ମନ୍ଦିର ପାଖ ଏବଂ ମନ୍ଦିର ସାମ୍ନାରେ ଧୂଳି ଦଣ୍ଡ ପରିବେଷଣ କରିଥିଲେ। ଅପରାହ୍ନରେ ମା' ସନ୍ତୋଷୀ ମନ୍ଦିର ନିକଟରେ ଥିବା ପୋଖରୀରେ ପାଣିଦଣ୍ଡ ନୀତି ସମ୍ପନ୍ନ କରିଥିଲେ। ପୋଖରୀରୁ ଫେରିବା ପରେ ପଞ୍ଚ ଶମ୍ଭୁ ମହାମିଳନ ପାଇଁ ଉଦ୍ଦିଷ୍ଟ ସ୍ଥାନ ସରସ୍ୱତୀ ମଡ୍ରେଲ୍ ସ୍କୁଲ୍ ପରିସରରେ ସମସ୍ତ ଦଣ୍ଡ ଦଳ ପହଞ୍ଚି ପଞ୍ଚ ଶମ୍ଭୁ ଏବଂ ପଞ୍ଚ କାଳୀଙ୍କ ମହା ମିଳନ ହୋଇଥିଲା।

# ଗୁଡ୍ ଫ୍ରାଇଡେ: ଚର୍ଚ୍ଚରେ ପ୍ରାର୍ଥନା ଉପାସନା

ଜି.ଉଦୟଗିରି/ଦାରିଙ୍ଗବାଡି,୩।୪(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠୀ/ଅରୁଣ ସାହୁ)

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିରୋଧରେ ରାଜଦ୍ରୋହର ମିଥ୍ୟା ଅଭିଯୋଗ ଆଣି ତାଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା। ଶାରିରୀକ ମୃତ୍ୟୁ ପୂର୍ବରୁ ଯୀଶୁ କ୍ରୁଶବିଦ୍ଧ କରିଥିବା ଲୋକଙ୍କ ପାଇଁ ପରମେଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ସେ ସମସ୍ତଙ୍କ ପାପକ୍ଷମା ପାଇଁ ବଳିଦାନ ଦେଇ କ୍ରୁଶ ଉପରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେଦିନ ଥିଲା ଶୁକ୍ରବାର। ତେଣୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଶୁଭ ଶୁକ୍ରବାର ବା ଗୁଡ ଫ୍ରାଇଡେ ପାଳନ କରି ଆସୁଛନ୍ତି। କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ସମସ୍ତ ଚର୍ଚ୍ଚ, ପ୍ରାର୍ଥନା ଗୃହରେ ପବିତ୍ର ଗୁଡ ଫ୍ରାଇଡେ ପାଳନ ହୋଇଛି। ସ୍ଥାନୀୟ ନୂଆସାହି ବାପଟିଷ୍ଟ ଚର୍ଚ୍ଚ, ମାଳିକା ପଡ଼ି ମାତୃ ମଣ୍ଡଳୀ ବାପଟିଷ୍ଟ ଚର୍ଚ୍ଚ, କାନବଗିରି ଉତ୍ତର ଭାରତ ମଣ୍ଡଳୀ ଚର୍ଚ୍ଚ, ସୁକାନାଣ୍ଡା କ୍ୟାଥଲିକ୍ ଚର୍ଚ୍ଚ ଓ ଅନ୍ୟ ଛୋଟ ବଡ଼ ଚର୍ଚ୍ଚ, ପ୍ରାର୍ଥନା ଗୃହ ଗୁଡ଼ିକରେ ପ୍ରାର୍ଥନା ଉପାସନା ମଧ୍ୟରେ ଏହି ଶୁଭ ଦିନକୁ ପାଳନ କରାଯାଇଛି। ନୂଆସାହି ଚର୍ଚ୍ଚରେ ପାଳକ କ୍ଷମାଶୀଳ ବାଗ, ମାଳିକାପଡ଼ି ଚର୍ଚ୍ଚରେ ଆଚାର୍ଯ୍ୟ ସୁବୋଧ ପରିଚ୍ଛା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ଧୁମଧାମରେ ଗୁଡ୍ ଫ୍ରାଇଡେ ପାଳିତ ହୋଇଛି। ଉକ୍ତ ବ୍ଲକର ବ୍ରାହ୍ମଣୀଗାଁ ସମେତ ଗଦାପୁର, କାଟିଙ୍ଗିଆ, ତାଜୁଙ୍ଗିଆ, ସରାମୁଳି, ହାତୀମୁଣ୍ଡା, ସିମନବାଡ଼ି, ଦାରିଙ୍ଗବାଡି ଆଦି ଅଞ୍ଚଳରେ ପାଳନ କରାଯାଇଥିବା ବେଳେ ୪୦ଦିନ ଧରି ଚାଲିଥିବା ଉପାସନା ଶୁକ୍ରବାର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ଦାରିଙ୍ଗବାଡ଼ି କ୍ୟାଥିଲିକ ଚର୍ଚ୍ଚରେ ପବିତ୍ର ଭାବନା ସୃଷ୍ଟି ହୋଇଛି। ଦାରିଙ୍ଗବାଡି ପାରିସର ଧର୍ମ ଯାଜକ ଏଫ୍‌ଆର କରୁଣାକର ଦିଗାଲ ଏବଂ ରାଜୀବ ସିଂଙ୍କ ଦ୍ୱାରା ସାମୁହିକ ପ୍ରାର୍ଥନା କରିଥିଲେ। ସେହିପରି ଚର୍ଚ୍ଚରେ ଯୁବତୀଯୁବକଙ୍କ ଦ୍ୱାରା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଯାତନା ତଥା ତାଙ୍କ କାହାଣୀକୁ ଅଭିନୟ ମାଧ୍ୟମରେ ଦର୍ଶାଇଥିଲେ।



ଜି. ଉଦୟଗିରିର ଏକ ଚର୍ଚ୍ଚରେ ଉପସ୍ଥିତ ଖ୍ରୀଷ୍ଟଧର୍ମୀ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଭୁ ପ୍ରସାଦ



@ ରାମକୃଷ୍ଣ



@ ଦୀପ୍ତିରାଣୀ



@ ଅନଭି




@ ମୈତ୍ରେୟୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

